
ପୃଥିବୀର
ଲୋକକଥା
୧୦
ଟଙ୍କା - ୧

ପୃଥିବୀର ଲୋକକଥା

(ଇହୁଦୀ ଲୋକକଥା)

(ପ୍ରଥମ ଭାଗ)

ଶ୍ରୀ ଲକ୍ଷ୍ମୀଧର ମହାନ୍ତି, ବି. ଏସ୍ ସି., ଏଲ୍. ଏଲ୍. ବି.
ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ (ବଲାଙ୍ଗିର)

ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାନ୍ତି, ଏମ୍. ଏ. ବି ଇଡ଼.,
ପ୍ରଧାନ ଶିକ୍ଷୟିତ୍ରୀ ମ୍ୟୁନିସିପାଲିଟି ଗାର୍ଲସ ହାଇସ୍କୁଲ (ବଲାଙ୍ଗିର)

ନୀଳକଣ୍ଠେଶ୍ୱର ଶିକ୍ଷା ପ୍ରକଳ୍ପ

PRUTHIBIRA LOKAKATHA

(Ihudi Lokakatha)

Pratham Bhaga

ପୃଥିବୀର ଲୋକକଥା

(ଇହୁଦୀ ଲୋକକଥା)

ପ୍ରଥମ ଭାଗ

ପ୍ରକାଶକ :

ନୀଳକଣ୍ଠେଶ୍ୱର ଶିକ୍ଷା ପ୍ରକଳ୍ପ

ପୋ: ଦଧାଳ, ଜି: ପୁରୀ

ପ୍ରଥମ ପ୍ରକାଶ : ୧୪ । ୧୨ । ୧୯୯୦

ଦ୍ୱିତୀୟ ପ୍ରକାଶ : ୧୪ । ୧୦ । ୨୦୦୪

ପ୍ରଚ୍ଛଦ ପଟ୍ଟ :

ଶ୍ରୀ ରବିନାରାୟଣ ନାୟକ

ମୁଦ୍ରଣ :

ଭାରତୀ ପ୍ରେସ, ସି.ଡି.ଏ., ସେକ୍ଟର-୭, କଟକ-୧୪

ମୂଲ୍ୟ : ଟ ୧୦-୦୦

ନିବେଦନ

ଆଜ ଆନନ୍ଦର କଥା ଯେ ଏହି ପୁସ୍ତକର ପୁଣି ପୁନର୍ମୁଦ୍ରଣ ହେଉଛି । ଆମେ ଏହାଭିତରେ ୮୦ଟି ବହି ପ୍ରକାଶ କଲୁଣି । ଆମର ଲକ୍ଷ୍ୟ ୭୦୧ ବହି । ଲକ୍ଷ୍ୟ ସ୍ଥଳ ତଥାପି ବହୁତ ଦୂର ।

ଇହୁଦୀମାନଙ୍କ ସଭ୍ୟତା କଳିଙ୍ଗ ସଭ୍ୟତାର ସମସାମୟିକ । ଇହୁଦୀଙ୍କ ଭଳି ବହୁ ବିଷୟରେ କଳିଙ୍ଗର ଦାନ ବିଶ୍ୱକୁ ରହିଛି । ସେଥି ମଧ୍ୟରୁ ଗଣତନ୍ତ୍ର ବା ସମୁଦ୍ରଯାତ୍ରା ଅନ୍ୟତମ । ଦୁଇହଜାର ବର୍ଷ ପରେ ଫରାସୀ ବିପ୍ଳବରେ ସେଇକଥା ଉଠାଗଲା । ଲୋକେ କଳିଙ୍ଗ କଥା ଭୁଲିଗଲେ । ଆମର ଐତିହାସିକମାନେ ଇଂରେଜୀ-ଐତିହାସିକ ମାନଙ୍କଉପରେ ନିର୍ଭରଶୀଳ । ଏ ଦିଗରେ ସେମାନେ ନୀରବ ।

ସମୟ ଆସିଛି । ନୂତନ ଚିନ୍ତା ଅପରିହାର୍ଯ୍ୟ । ଐତିହାସିକ ବନ୍ଧୁମାନେ ଏ ଦିଗରେ ନଜର ଦେବେ ବୋଲି ଆଶା ।

ଜ୍ଞାନ ଏକ ଆଲୋକ । ଏହା ସବୁ ପ୍ରକାର ଅନ୍ଧାର ଦୂରେଇ ଦିଏ । ଦାରିଦ୍ର୍ୟତା ତା ମଧ୍ୟରେ ଅନ୍ତର୍ଭୁକ୍ତ । ଲୋକଙ୍କୁ ଜ୍ଞାନୀ କରିଦେଲେ ଦାରିଦ୍ର୍ୟ ଘୁଞ୍ଚିଯିବ । ଏହା ଆମର ବିଶ୍ୱାସ ।

ସେଇ ପଥରେ ଆମେ ଆଗେଇ ଚାଲିଛୁ । ଆପଣଙ୍କ ସାହାଯ୍ୟ ସହାନୁଭୂତି ଆମର କାମ୍ୟ ।

ଲକ୍ଷ୍ମୀଧର ମହାନ୍ତି



ସୂଚୀପତ୍ର



ବିଶ୍ୱାସ

ବାରବୁଲାଟିଏ । ଗୋଟିଏ ଗଧ ଧରି ସେ ଗାଁ ଗାଁ ବୁଲେ । ସେଇ ଗଧଟି ତା'ର ସାଥି, ସହଚର, ସମ୍ପତ୍ତି ଆଉ ସମ୍ବଳ । ତେଣୁ ତାକୁ ସେ ଖୁବ୍ ଯତ୍ନ ନିଏ । ତା ଆଖିରେ ଗଧ ଭଳି ଜନ୍ତୁ ଆଉ ଦେଖାଯାଆନ୍ତି ନାହିଁ ।

ଦିନେ ଗଧଟି ମରିଗଲା । ସେଇଦିନୁ ବାରବୁଲା ଏକା । ପ୍ରତି ମୁହୂର୍ତ୍ତରେ ସେ ଗଧର ଅଭାବ ଅନୁଭବ କରେ । ସେଥିପାଇଁ ସେ ବିପର୍ଯ୍ୟସ୍ତ, ହତାଶଗ୍ରସ୍ତ ଓ ବ୍ୟଥିତ । କିନ୍ତୁ ସେ ତାର ବୁଲା ବନ୍ଦ କଲା ନାହିଁ । ବାଟରେ ଗୋଟିଏ ଗାଁ ପଡ଼ିଲା । ସେଠାକାର ଶେଖ୍ ବେଶ୍ ଧନୀ, ପରୋପକାରୀ ଓ ଦୟାଳୁ । ବାରବୁଲାର ହାବଭାବ ଦେଖି ତାଙ୍କର ଦୟା ହେଲା । କ'ଣ ପାଇଁ ବାରବୁଲା ଏପରି ବ୍ୟସ୍ତ, ସେ କଥା ସେ ପଚାରି ବୁଝିଲେ । ତାପରେ ବାରବୁଲାକୁ ସେ ଗଧଟିଏ ଦାନ କରିଦେଲେ । ଗଧଟି ଅଳ୍ପ ବୟସର । ଦେଖିବାକୁ ସୁନ୍ଦର, ହୃଷ୍ଟପୁଷ୍ଟ । ବାରବୁଲାର ନିର୍ଦ୍ଦେଶ ସବୁ ସେ ମାନେ । ବାଟରେ ତାକୁ କେବେହେଲେ ହଇରାଣ କରେ ନାହିଁ, ବରଂ ବାରବୁଲାକୁ ସେ ସାହାଯ୍ୟ କରେ । ସେଥିପାଇଁ ବାରବୁଲା ତା ଉପରେ ନିର୍ଭରଶୀଳ । ସେ ଏ ଗଧଟିକୁ ଖୁବ୍ ସ୍ନେହ କରେ । ଆଖି ଆଡ଼ୁଆଳକୁ ତାକୁ କୁଆଡ଼େ ଛାଡ଼େ ନାହିଁ ।

ଦିନେ ବାରବୁଲା ଗଧଟିକୁ ଧରି ପାହାଡ ଚଢୁଥିଲା । ଗଧର ଗୋଡ଼ ଖସିଗଲା, ଗଧଟି ନିଜକୁ ସମ୍ଭାଳି ପାରିଲା ନାହିଁ, ପାହାଡ଼ରୁ ଗଡ଼ି ଗଡ଼ି ଆସି ତଳେ ପଡ଼ିଗଲା । ମୁହୂର୍ତ୍ତକ ମଧ୍ୟରେ ତା'ର ପ୍ରାଣ

ହୁଡ଼ିଗଲା । ଅଳ୍ପ କେତୋଟି ମୁହୂର୍ତ୍ତ ମଧ୍ୟରେ ଏଇ ଘଟଣା ସବୁ ଘଟିଗଲା—ତା ପୁଣି ବାରବୁଲା ଆଖି ଆଗରେ । ସେ କାଠ ପାଲଟି ଗଲା । କ'ଣ କରିବାକୁ ହେବ, ତାକୁ ପଇଟିଲା ନାହିଁ; ବରଂ ଖାଲି ଜଳଜଳ କରି ସବୁ ଦେଖୁଥାଏ ।

କିଛି ସମୟ ପରେ ସେ ପ୍ରକୃତିସ୍ଥ ହେଲା, ତାପରେ ସେ ଠିକଣା ଭଳି ଆଉ ସେଠି ଠିଆ ହେଲା ନାହିଁ । ଗଧ ପାଖକୁ ଧାଇଁଲା । ତା ପାଖରେ ବସିପଡ଼ି ସେ ବହୁତ କାନ୍ଦିଲା ।

ଗଧଠାରେ ସେ ଋଣୀ । କୃତଜ୍ଞ । ସେ ଜାଣେ, ଗଧର ଋଣ ସେ ଶୁଝିପାରିବ ନାହିଁ । ତେଣୁ ଗଧକୁ ସେଠି କବର ଦେବ ବୋଲି ସେ ଭାବିଲା । ଗଧକୁ ସେଠି ସେ କବର ଦେଲା । ସେଇ କବରର ଦୁଇପଟେ ଦୁଇଟି ବାଉଁଶ ପୋତିଲା । ଧଳା ଲୁଗାଟିଏ ଆଣିଲା । ସେଥିରେ "ଲମ୍ବାକାନଆ"ର କବର ବୋଲି ଲେଖିଲା । ତାପରେ ତାକୁ ଦୁଇଖୁଣ୍ଟରେ ବାନ୍ଧିଲା । ତାହା ଗୋଟିଏ ଫଳକ ପରି ଦେଖାଯାଉଥାଏ । ସେ ସାତଦିନ ସେଠାରେ ବସି ଶୋକପାଳିଲା ।

ସେ ସ୍ଥାନଟି ତାର ହେଲା ସ୍ମୃତିପୀଠ । ସେଇଥି ମୁହୂର୍ତ୍ତରୁ ସେ ସେଇ କବର ଗୁଡ଼ି ଆଉ କୁଆଡ଼େ ଗଲା ନାହିଁ । ମୁଣ୍ଡକୁ ପୋତି ମନ ଦୁଃଖରେ ସେଠି ସେ ବସିରହିଲା । ଦୁଃଖ ଭାରରେ ମୁଣ୍ଡ ତାର ନଇଁଯାଉଥାଏ ।

ସପ୍ତମ ଦିନ । ଏଠାରେ ବାରବୁଲାର ଶେଷଦିନ । କାଲି ତାକୁ ଏଠା ଗୁଡ଼ି ଚାଲିଯିବାକୁ ହେବ । ଗଧଟି ତା'ର ତ ନାହିଁ । କିଏ ତାର ଜିନିଷ ସବୁ ବୋହିବ ? ନିଜ କାନ୍ଧରେ ଜିନିଷ ପକାଇ ଏଥର ଗାଁ ଗାଁ ସବୁ ବୁଲିବାକୁ ପଡ଼ିବ । ବୟସ ତା'ର ହୋଇଗଲାଣି । ନିଜ ଜିନିଷ ବୋହିବା ତା ପକ୍ଷରେ ମୁସ୍କିଲ, କଷ୍ଟକର । କେତେ କଷ୍ଟ ହେ

ତାକୁ ହେବ, ତାର ସୀମା ନାହିଁ । ଏକଥା ଯେତିକି ଯେତିକି ସେ ଭାବିଲା, ତାର ଦୁଃଖ ସେତିକି ସେତିକି ବଢ଼ିଲା । ସେ ନିଜକୁ ସମ୍ଭାଳି ପାରିଲା ନାହିଁ । ସେ କହିଁ କହିଁ ହୋଇ କାନ୍ଦିଲା । ଆଖିରୁ ତାର ଧାର ଧାର ହୋଇ ଲୁହ ବୋହିଗଲା ।

ସେହି ସମୟରେ ସେ ବାଟେ ଯାଉଥିବା ବାଟୋଇର ନଜର ତା ଉପରେ ପଡ଼ିଲା । କୁଣ୍ଡରେ ପଡ଼ି ହୋଇଥିବା ଧଳାଲୁଗାକୁ ସେ ଦେଖିଲା । ମନରେ ତାର ଆସିଲା—ଏହା "ଲମ୍ବାକାନିଆ" ସନ୍ଥଙ୍କର କବର । ପାଖରେ ବସିଥିବା ଲୋକଟି ତାଙ୍କର ଶିଷ୍ୟ । ସନ୍ଥଙ୍କ ବିରହ ମନ ତାକୁ ଦେଖି ବାଧୁଛି ।

ମନରେ ଏ ଭାବନା ଆସିବାରୁ ସେ ଭକ୍ତିରେ ଗଦ୍ ଗଦ୍ ହୋଇଗଲା । କବର ପାଖକୁ ଗଲା । ମୁଣ୍ଡିଆଟିଏ ମାରିଲା । ତା ପକେଟରୁ ଗୋଟିଏ ମୁଦ୍ରା କାଢ଼ି ବାଉଳୁଲ ହାତରେ ଗୁଞ୍ଜି ଦେଲା । ତା ବାଟରେ ସେ ଗଲା । ତା ପରେ ବହୁ ବାଟୋଇ ସେଇ ବାଟରେ ଆସିଲେ । ପ୍ରଥମ ବାଟୋଇଟି ଯାହା କରିଥିଲା, ସେମାନେ ବି ସେଇଆ କଲେ । ଦିନକୁ ଦିନ ତାନର ମାନ ବଢ଼ିଲା । ଏଣିକି ବାଉଳୁଲ ଆଉ କୁଆଡ଼େ ଗଲାନାହିଁ । ସେଇଠି ବସିରହିଲା । ସେଠୁ ଯାହା ମିଳୁଥିଲା, ତାହା ତା' ଚଳିବା ପାଇଁ ଯଥେଷ୍ଟ ।

କ୍ରମେ କ୍ରମେ କଥା ଟା ଚାରିଆଡ଼େ ବ୍ୟାପିଗଲା । ଲୋକେ କୁହା-କୁହି ହେଲେ—ଏହା ଏକ ସନ୍ଥଙ୍କର କବର । ଏଠି ମନାସିଲେ, ମନସ୍କାମ ପୂର୍ଣ୍ଣହୁଏ । ଲୋକେ ତ ଧର୍ମଭୀରୁ, କଥାଟା ଶୁଣିବା ପରେ ସେମାନେ ଉପ୍ତରେ ଭକ୍ତିକଲେ । ମାନସିକ କରିବା ବି ଛାଡ଼ିଲେ ନାହିଁ ।

କାକତାଳି ନ୍ୟାୟରୁ ବା ଆଶୀର୍ବାଦରୁ ହେଉ କେତେକଙ୍କର ମନସ୍କାମନା ପୂର୍ଣ୍ଣହେଲା । ଲୋକଙ୍କର ବିଶ୍ୱାସ ବଢ଼ିଲା । ଏହା ଆଉ

ସାଧାରଣ କବର ହୋଇ ରହିଲା ନାହିଁ । ଏକ ପ୍ରଖ୍ୟାତ ଧର୍ମାନୁଷ୍ଠାନ ପାଲଟିଗଲା ।

ବହୁ ସାଧୁ ସନ୍ଥ ଏ କବର ଦର୍ଶନ କରିବାକୁ ଆସିଲେ । ସେମାନଙ୍କର ଲକ୍ଷ୍ୟ ମୋକ୍ଷ । ଧନୀ, ଦରିଦ୍ର, ଅପୁତ୍ରା, ଦୁର୍ଭାଗ୍ୟ, ନିଷ୍ପେଷିତ, ନିର୍ଯ୍ୟାତିତ, ଆଶା ଓ ଆକାଂକ୍ଷାରେ ଜର୍ଜରିତ ଓ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ଲୋକ ଏଠାରେ ଧାଡ଼ି ଲଗାଇଲେ । ସେମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ସେମାନେ ଏଠି ରୁଣ୍ଡ ହେଲେ ।

ଧନୀ ଲୋକମାନେ ଆସି ଜୁଟିଲେଣି । ତାଙ୍କର ଦାନର ସୀମା ନାହିଁ । କିଏ ସୁନା, ରୂପା ଓ ନଗଦ ଟଙ୍କା ପ୍ରଭୃତି ଅସ୍ଥାବର ସମ୍ପତ୍ତି ଦାନକଲା ତ କିଏ ଜମିବାଡ଼ି, ଘରବଗିଚା ଓ ପୋଖରୀ ପ୍ରଭୃତି ସ୍ଥାବର ସମ୍ପତ୍ତି ଦାନକଲା । କେହି କେହି ମେଣ୍ଢା, ଛେଳି ଓ ଗାଈ ପ୍ରଭୃତି ଗୃହପାଳିତ ପଶୁ ମଧ୍ୟ ଭେଟି ଦେଲେ । ପଇସା ଆସିବାରୁ କବର ଶ୍ରୀବୃଦ୍ଧି ହେଲା । ଫଳରେ ସେଠି ଗଢ଼ିଉଠିଲା ଏକ ବିରାଟ କବର । ପାଖରେ ଗମ୍ବୁଜ । ଖୁବ୍ ବଡ଼ । ଖୁବ୍ ଉଚ୍ଚ । ଆକାଶ ଛୁଇଁଲା ପରି । କବର ଆଗରେ ସବୁବେଳେ ଗହଳି । ଶାନ୍ତି ଓ ମୋକ୍ଷ ପାଇଁ ଲୋକେ ଏଠି ଘରଦ୍ୱାର କରି ରହିଲେଣି । ଯାତ୍ରୀଙ୍କ ଭିଡ଼ ଯୋଗୁ ଦୋକାନ ବଜାର ଖୋଲିହେଲା । ଏଇନେ ଏହା ଏକ ଶ୍ରେଷ୍ଠ ସହର ।

ଭୂଣ୍ଡ ବାଇଦ ସହର କୋଣ । ଚାରିଆଡ଼େ ବ୍ୟାପିଲା ପୁଣ୍ୟ କବରର ଗୁଣ କୀର୍ତ୍ତନ । ଏଠାରେ ମନସ୍କାମନା ପୂର୍ଣ୍ଣହୁଏ । ଦୁରା-ରୋଗ୍ୟ ରୋଗୀ ଆରୋଗ୍ୟ ଲାଭ କରନ୍ତି । ଆଶ୍ରାକଲେ ସବୁ ପ୍ରକାର ଦୁଃଖ, କଷ୍ଟ ଓ ବେଦନା ଦୂରହୁଏ । ସନ୍ଥଙ୍କର କବର ପାଖରେ ତାଙ୍କର ଶିଷ୍ୟ ବସିଅଛନ୍ତି । ସେ ନିଷ୍ଠାପର । ସରଳ । ନିର୍ଲୋଭୀ ।

ସ୍ୱପ୍ନ । ଘର ଦୁଃଖ କାତର । ନ୍ୟାୟପରାୟଣ । ତାଙ୍କର ଆଶୀର୍ବାଦ ମିଳିଲେ ସବୁ ଦୁଃଖ ଦୂର ହୋଇଯାଏ ।

ଏ ଖବର ଗଧବାଲା ଶେକ୍‌ଙ୍କ କାନରେ ପଡ଼ିଲା । ସେ ବି ଏ ସନ୍ଥଙ୍କ କବର ପୀଠରେ ପ୍ରାର୍ଥନା କରିବାକୁ ଆଗ୍ରହୀ । ତେଣୁ ସେ ଚାଲିଚାଲି ଏଠାକୁ ଆସିଲେ । ପୂଜା ଅର୍ଚ୍ଚନା ଯେତିକି ହେବାର କଥା ସେ ସବୁ ହେଲା । କବର ପୀଠରେ ହଠାତ୍ ସେ ବାରବୁଲକୁ ଦେଖି ଆଶ୍ଚର୍ଯ୍ୟ, ବିସ୍ମିତ ଓ ଅବାକ୍ ।

ଯାହାହେଉ, ବାରବୁଲ ଏଠି ଆରାମରେ ଅଛି । ତେଣୁ ସେ ଖୁସି । ବାରବୁଲ ମଧ୍ୟ ତାଙ୍କୁ ଦେଖି ଆନନ୍ଦିତ । ଶେକ୍ ଗଡ଼ କୁ ଆସିଲେ ପଛେପଛେ ବାରବୁଲ । ସେ ତାକୁ ତା'ର କୁଶଳପ୍ରଶ୍ନ ପଚାରିଲେ । କିଛିସମୟ କଥାବାର୍ତ୍ତା ଚାଲିଲା । ତା ପରେ ଶେକ୍ ପଚାରିଲେ— "ଯେଉଁ ସନ୍ଥଙ୍କୁ ସେଠି କବର ଦିଆଯାଇଛି, ତାଙ୍କ ନାଁ କଣ ?"

ପ୍ରଶ୍ନଟି ଶୁଣି ବାରବୁଲର ମୁହଁ ଶେତା ପଡ଼ିଗଲା । ପାଟି ଖଣ୍ଡ ମାରିଗଲା । ସେ ବହୁତ କଷ୍ଟରେ ଥଙ୍ଗେଇ ଥଙ୍ଗେଇ କହିଲା— "ମୁଁ......ମୁଁ......ମୁଁ......ସତ କହୁଛି, ଏହା କୌଣସି ସନ୍ଥଙ୍କର କବର ନୁହେଁ, ମତେ ଆପଣ ଯେଉଁ ଗଧଟି ଦାନ କରିଥିଲେ, ଇଏ ତାଆରି କବର ।"

ବାରବୁଲର କଥା ଶୁଣି ଓ ତାର ଅବସ୍ଥା ଦେଖି ଶେକ୍ ଜଣକ ହୋ ହୋ ହୋଇ ହସି ଉଠିଲେ । ତାକୁ ସେ ପଚାରିଲେ— "ଆମ ଗାଁରେ ଯେଉଁ ବଡ଼ କବରଟି ଅଛି, ଦେଖିଛ ?"

ବାରବୁଲ ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ତାପରେ ଶେକ୍ ବାରବୁଲକୁ ସାନ୍ତ୍ୱନା ଦେବା ଛଳରେ କହିଲେ—"ସେଇଟା ଆଉ ଗୋଟିଏ ଗଧର କବର । ସେ ଗଧ ଏ ଗଧର ମା ।"

(ସବୁ ଧର୍ମାନୁଷ୍ଠାନ ବିଶ୍ବାସର ପ୍ରତୀକ । ମୂଳଭିତ୍ତି ଭକ୍ତି, ଭାବନା ନୁହେଁ ।)



ଉପୋଦ୍‌ଘାତ

ଆଗେ ପୋଲାଣ୍ଡରେ ବହୁତ ଇହୁଦୀ ରହୁଥିଲେ । ସେଠାରେ ଇହୁଦୀମାନଙ୍କର ବହୁତ ଧର୍ମାନୁଷ୍ଠାନ ଥିଲା । ଧର୍ମ ଓ ମୋକ୍ଷ ପାଇଁ ସେଠି ଆଲୋଚନା ହୁଏ । ସେଥିରୁ ଗୋଟିଏ ଅନୁଷ୍ଠାନରେ ଦୁଇଟି ଯୁବକ ଥିଲେ । ସେମାନେ ମୋକ୍ଷଲାଭ ପାଇଁ ବହୁତ ଆଶାୟୀ ।

ଇସ୍ରାଏଲ ଇହୁଦୀମାନଙ୍କର ପୂର୍ବପୁରୁଷମାନଙ୍କର ବାସସ୍ଥାନ । ତାଙ୍କ ଧର୍ମ ଅନୁସାରେ ଏହା ଏକ ପବିତ୍ର ଓ ପୁଣ୍ୟଭୂମି । ସେଠାରେ ରାଜା ଡେଭିଡ୍‌ଙ୍କର କବର ଅଛି । ତାକୁ ଦର୍ଶନ କଲେ, ସବୁ ପାପ କ୍ଷୟ ହୋଇଯାଏ । ମୋକ୍ଷ ଅନିବାର୍ଯ୍ୟ । ସେଥିପାଇଁ ଯୁବକ ଦୁଇଟିଙ୍କର ଇସ୍ରାଏଲ ଯିବାକୁ ପ୍ରବଳ ଇଚ୍ଛା । କିନ୍ତୁ ସେମାନେ ଖୁବ୍ ଗରିବ । ସେଠାକୁ ଯିବାପାଇଁ ବହୁତ ପଇସା ଦରକାର । ସେ ପଇସା ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ । ଏସବୁ ସତ୍ତ୍ୱେ ସେମାନେ ଇସ୍ରାଏଲ୍ ଯିବାର ଆଶା ଛାଡ଼ିଲେ ନାହିଁ । ସବୁବେଳେ ସେମାନଙ୍କ-ଙ୍କର ଗୋଟିଏ ଚିନ୍ତା, ଅନ୍ୟ କୌଣସି କଥା ସେମାନଙ୍କର ମୁଣ୍ଡରେ ପଶେ ନାହିଁ ।

କୌଣସି ବିଷୟରେ ଗଭୀର ଭାବରେ ଚିନ୍ତାକଲେ ସେଇ କାମ କରିବାକୁ ସାହାସ ଆପେ ଆପେ ଆସିଯାଏ । ଏଥର ସେମାନେ, ଆଉ କିଛି ନଭାବି ନଚିନ୍ତି ଇସ୍ରାଏଲ୍ ବାହାରି ପଡ଼ିଲେ । ହାତରେ ତାଙ୍କର ଗୋଟିଏ ଗୋଟିଏ ବାଡ଼ି । ପିଠିରେ ଗୋଟିଏ ଲେଖାଏ ନ୍ୟାପସାକ୍ (ସୈନ୍ୟମାନେ ପିଠିରେ ପକାଇବା ବ୍ୟାଗ) ।

ବାଟ ଥିଲା ତାଙ୍କର ଅସୁବିଧାଜନକ । ବହୁ ବିପଦପୂର୍ଣ୍ଣ । ନାନାଦି ବିଘ୍ନ ମଧ୍ୟ ଜୁଟିଲା । ସେମାନଙ୍କର ସହାୟ ନିଜେ ଈଶ୍ୱର । ତାଙ୍କଠାରେ ଅଟଳ ବିଶ୍ୱାସ ରଖି ସେମାନେ ଆଗେଇଲେ । ବାଧା ଓ ବିପଦ ବିଘ୍ନ ଆସିଲା ସତ, କିନ୍ତୁ ଟଳିଗଲା । କ୍ଷତି କିଛି କରିପାରିଲା ନାହିଁ । ସେମାନେ ଜେରୁଜେଲମ୍‌ରେ ସୁବିଧାରେ ପହଞ୍ଚିଗଲେ ।

ଲକ୍ଷ୍ୟ ସେମାନଙ୍କର ପୂରଣ ହୋଇଗଲା । ସେଥିପାଇଁ ସେମାନେ ଆନନ୍ଦରେ ଅଧୀର । ଦେହରେ ତାଙ୍କର ଅପୂର୍ବ ପୁଲକ । ସେମାନଙ୍କର ଲୋମ ଟାଙ୍କୁରି ଉଠିଲା । ଯେତେବେଳେ ସେମାନେ ଜାଣିଲେ ଯେ, ମାଉଣ୍ଟଜିଅନ୍ କାନ୍ଥପାଖରେ ସେମାନେ ପହଞ୍ଚିଯାଇଛନ୍ତି, ତାଙ୍କର ଆନନ୍ଦ ଦ୍ୱିଗୁଣିତ ହୋଇଗଲା । ପ୍ରଭୁଙ୍କର କରୁଣା ଓ ଆଶୀର୍ବାଦପାଇଁ ସେମାନେ ତାଙ୍କୁ ଅଶେଷ ଧନ୍ୟବାଦ ଦେଲେ ।

ରାଜା ଡେଭିଡ୍‌ଙ୍କର କବର ଦେଖିବାକୁ ସେମାନେ ଉତ୍କଣ୍ଠ । କିନ୍ତୁ ତାହା କେଉଁଠି ? କେଉଁବାଟେ ଗଲେ ସେଠି ପହଞ୍ଚିପାରିବେ ? ସେ ସବୁ ତାଙ୍କୁ ଜଣାନଥିଲା । ବାଟ ଦେଖାଇବାକୁ ଲୋକଟିଏ ବି ପାଇଲେ ନାହିଁ । ସେଇଠି ସେମାନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ସେମାନେ କାକୁତି କରି କହୁଥିଲେ—"ହେ ଦୟାମୟ ଈଶ୍ୱର ! ଆମ ପ୍ରତି ଆପଣଙ୍କର ଅଶେଷ କରୁଣା । ଦୟା ଅସୀମ । ଆପଣଙ୍କ କୃପାରୁ ଆମେ ଜେରୁଜେଲମ୍ ଆସିଛୁ । ଆମ ପ୍ରତି ସଦୟ ହୁଅନ୍ତୁ । ଦୟା କରନ୍ତୁ । ଡେଭିଡ୍‌ଙ୍କର କବର ଦେଖିବା ପାଇଁ ସୁଯୋଗ ଦିଅନ୍ତୁ ।"

ପ୍ରାର୍ଥନା ସରିଲାବେଳକୁ ସେମାନେ ଦେଖିଲେ ଧର୍ମପୁରୁଷ ଇଶାଯାହ ତାଙ୍କ ଆଗରେ ଠିଆହୋଇଛନ୍ତି । ତାଙ୍କୁ ଦେଖି ଗ୍ରୁହ ଦୁଇଜଣ ଆଶ୍ଚର୍ଯ୍ୟ । ସେମାନେ ତାଙ୍କୁ ନମସ୍କାର କଲେ । ଇଶାଯାହ ରାଜା ଡେଭିଡ୍‌ଙ୍କର କବରକୁ ଦେଖାଇ ଦେଇ କହିଲେ—"ସନ୍ତାନଗଣ ! ଏଇଦେଖ ବାଟ ପଡ଼ିଛି । ତୁମେ ଏଇ ବାଟେ ଚାଲିଯିବ । ରାଜା ଡେଭିଡ୍‌ଙ୍କର ସମାଧି ପାଖେ ପହଞ୍ଚିବ । ତା ଭିତରକୁ ସିଧା ପଶିଯିବ । ସେଠି ଦେଖିବ ତଳକୁ ପାହାଚ ପଡ଼ିଛି । ସେଇ ପାହାଚ ଦେଇ ତଳକୁ ଓହ୍ଲାଇବ । ବାଟରେ ସୁନା, ରୂପା, ହୀରାସବୁ ଜମାହୋଇଥିବାର ଦେଖିବ । ତାହାକୁ ଅନ୍ଧାର

ଅନେକ ଲୋଭନୀୟ ଜିନିଷ ମଧ୍ୟ ତମ ନଜରକୁ ଆସିବ । ସେସବୁ ପ୍ରଲୋଭନ ।

ପ୍ରଲୋଭନ ସବୁବେଳେ ମନକୁ ଚଞ୍ଚଳେଇ ଦିଏ, ଭୁଲ୍ ବାଟରେ ନେଇଯାଏ । ସେଥିରେ ବିଚଳିତ ହେବ ନାହିଁ । ମନକୁ ସଂଯତ ଓ ଦୃଢ଼ କରିବ । ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇବ ନାହିଁ । ତାଙ୍କୁ ପ୍ରତି ମୁହୂର୍ତ୍ତରେ ଡାକୁଥିବ । ନିଃସଙ୍କୋଚରେ ଆଗକୁ ଚାଲିବ । ଶେଷରେ ଯେଉଁଠି ପାହାଚ ସରିଯାଇଛି, ସେଠି ପହଞ୍ଚିବ । ତୁମେମାନେ ସେଠି ଦେଖିବ, ରାଜା ଡେଭିଡ଼ ସୁପ୍ତ । ହାତ ତାଙ୍କର ପ୍ରସାରିତ । ମୁଣ୍ଡ ପାଖରେ ଏକ ଜଳପୂର୍ଣ୍ଣ କଳସୀ । ତୁମେ କଳସୀ ଉଠାଇ ରାଜା ଡେଭିଡ଼ଙ୍କର ପ୍ରସାରିତ ହାତରେ ପାଣି ଢାଳିବ ।

ରାଜା ଡେଭିଡ଼ ପ୍ରକୃତରେ ମୃତ ନୁହନ୍ତି । ସେ ଜୀବିତ । ଶୋଇ-କରି ସ୍ୱପ୍ନ ଦେଖୁଛନ୍ତି । ତାଙ୍କ ହାତରେ ପାଣିପଡ଼ିଲେ ତମେ ଜାଣିବ ଯେ, ତମେ ତାଙ୍କ ଦର୍ଶନ ପାଇବା ପାଇଁ ଉପଯୁକ୍ତ । ସେ ଉଠିବେ । ତୁମମାନଙ୍କର ନିଷ୍ଠା, ଶ୍ରମ, ଶ୍ରଦ୍ଧା ଓ ଆକାଂକ୍ଷା ପାଇଁ ତମମାନଙ୍କୁ ସେ ଆଶୀର୍ବାଦ ଦେବେ । ଫଳରେ ତୁମମାନଙ୍କର ମୋକ୍ଷ ପ୍ରାପ୍ତି ହୋଇଯିବ । ଈଶ୍ୱର କରନ୍ତୁ ଏହାହିଁ ହେଉ ।”

କଥାଟି ସରିଲା ବେଳକୁ ଇଲିଯାହ ଅଦୃଶ୍ୟ ହୋଇଗଲେ । ଇଲିଯାହଙ୍କ କଥା ମାନି ସେମାନେ ସମାଧି ଭିତରେ ପଶି ପାହାଚ ପରେ ପାହାଚ ଓହ୍ଲାଇ ତଳକୁ ଗଲେ । ଭିତରର ନିମ୍ନ ଦେଶରେ ପହଞ୍ଚି ସେମାନେ ଦେଖିଲେ —ଇଲିଯାହ ଯେମିତି କହିଥିଲେ, ସତକୁ ସତ ସେଇ ପଲଙ୍କରେ ରାଜା ଡେଭିଡ଼ ଶୋଇଛନ୍ତି । ହାତ ତାଙ୍କର ଲମ୍ବି ଆସିଛି । ମୁଣ୍ଡ ପାଖରେ ପାଣି ମାଠିଆ । କିନ୍ତୁ ସେମାନ-ଙ୍କର ମନ ଅଟକିଲା । ବାଟରେ ଜମା ହୋଇଥିବା ସୁନା, ରୁପା ଓ

ଧାନକୁ ଦେଖି ସେମାନଙ୍କର ଖୁବ୍ ଲୋଭ ହେଲା । କପର ସେସବୁ ହେବେ, ଏଇ ଚିନ୍ତାରେ ସେମାନେ ବ୍ୟସ୍ତ । ଅନ୍ୟକଥା ତାଙ୍କ ମନରେ ପଶୁନଥାଏ ।

ରାଜା ଜେଡ୍ଭଡ୍‌ଙ୍କର ମୁଣ୍ଡ ପାଖରେ ଥିଆ ହୋଇଥିବା ମାଠିଆରୁ ପାଣି ତାଙ୍କ ହାତରେ ଦେଇ ତାଙ୍କ ଦ୍ୱାରକୁ ଧଡ଼କ, ସେ କଥା ସେମାନେ ପୁରାପୂରି ଭୁଲିଗଲେ । ତାଙ୍କର ଏ ଢଙ୍ଗ ଦେଖି ରାଜା ଜେଡ୍ଭଡ୍ ଅସନ୍ତୁଷ୍ଟ, ବିରକ୍ତ । ପ୍ରସାରିତ ହାତ ତାଙ୍କର ଆସ୍ତେ ଆସ୍ତେ ସଙ୍କୁଚିତ ହୋଇଗଲା । ରାଜା ଜେଡ୍ଭଡ୍ ଅଦୃଶ୍ୟ ହୋଇଗଲେ ।

ଏହା ଦେଖି ଯୁବକଦ୍ୱୟଙ୍କର ଚେତା ପଶିଲା । ସେମାନେ ଚମକି ପଡ଼ିଲେ । ତାଙ୍କୁ ଲୋଭ ଗ୍ରାସ କରିଛି । ତେଣୁ ମୋକ୍ଷ ଦୂରେଇ ଗଲା । ସେମାନେ ତାଙ୍କର ଭ୍ରମ ବୁଝିପାରିଲେ । ଖବ୍ ଦୁଃଖ କଲେ, ନିଜର ଦୋଷପାଇଁ ବହୁତ କାନ୍ଦିଲେ । ସାମାନ୍ୟ ସୁବିଧାପାଇଁ ହାତରେ ଥିବା ମୋକ୍ଷ ଆଙ୍ଗୁଠି ସନ୍ଧିରେ ଖସିଗଲା ।

ସେଇଠି ସେମାନେ ନତଜାନୁ ହୋଇ ପ୍ରାର୍ଥନାକଲେ —"ହେ ଈଶ୍ୱର ! ଆମେ ଅଧମ । ଆମେ ଅଜ୍ଞାନ । ଦୋଷୀ । ଆମର ଦୋଷ କ୍ଷମା କର । ଆମକୁ ଶକ୍ତି ଦିଅ । ମନକୁ ଦୃଢ଼ କରିଅ । ଆମକୁ ଆଉଥରେ ସୁଯୋଗ ଦିଅ । ଶୁଭ ମୁହୂର୍ତ୍ତ ଆଉଥରେ ଆସୁ । ସେଥରେ ଯେପରି ମନ ପ୍ରଲୋଭିତ ନ ହେଉ । ଆମକୁ ମୋକ୍ଷ ମିଳିଯାଉ ।"

(ପ୍ରଲୋଭନ ସବୁ ଦୁଃଖର ମୂଳ କାରଣ)



ଫାଙ୍କୀ

ଏକଦା ଜଣେ ଇହୁଦୀ ଥିଲା । ସେ ଖୁବ୍ ଧନୀ । କିନ୍ତୁ ଭାରି କୃପଣ । ଦାନ ଧର୍ମର ନାଁ ଧରେ ନାହିଁ । ଦୁଃଖୀ ଭିକାରୀଙ୍କୁ ଦେଖିଲେ ଚିଡ଼େ । ସେମାନଙ୍କୁ ତା ଦୁଆର ମନା । ଯଦି ଅଜାଣତେ ସକାଳେ କିଏ ଗଡ଼ଗଡ଼େ, ତା'ହେଲେ ସେ ଖୁବ୍ ଲଜ୍ଜିତ ହୁଏ । ଏପରି ଲଜ୍ଜିତ ସେ ହୁଏ ଯେ, ଆଉ କେବେହେଲେ ସେଠାକୁ ଯିବାକୁ ସାହସ କରେ ନାହିଁ ।

ସାରା ସହରର ଲୋକ ତା ଉପରେ ଅସନ୍ତୁଷ୍ଟ । ତା ନାଁ ଧରି-ବାକୁ ସେମାନେ ରାଜି ହୁଅନ୍ତି ନାହିଁ । ସେମାନଙ୍କର ଅନ୍ଧବିଶ୍ୱାସ-ଯେଉଁଦିନ ତା ନାଁ ଧରିବ, ଖାଇବାକୁ ମିଳିବ ନାହିଁ ।

ସେଇ ସହରରେ ଜଣେ ମୋଚି ରହେ । ସେ ଭାରି ଗରିବ । ଜୋତା ସିଲେଇ କରି ପେଟ ପୋଷେ । କିନ୍ତୁ ଲୋକଟାର ଦାନ-ଧର୍ମରେ ବେଶ୍ ମନ । ତା' ପାଖରେ ଯାହା ଥାଏ କିଏ ଆସି ମାଗେ ତାକୁ ସେ ଦେଇଦିଏ । କେହି କେବେ ତା ଦୁଆରୁ ଅସନ୍ତୁଷ୍ଟ ହୋଇଯିବା ଦେଖାଯାଇ ନାହିଁ ।

ହଠାତ୍ ଧନୀ ଲୋକଟି ମରିଗଲା । ରାବ୍ବି (ଇହୁଦୀ ଧର୍ମ-ଯାଜକ) ସବୁ ଇହୁଦୀମାନଙ୍କୁ ଡକାଇଲେ । ଧନୀଲୋକର କବର ବିଷୟରେ ଆଲୋଚନା ହେଲା । ସାଧାରଣ ଲୋକଙ୍କ କଥା ଅତି ଅସହ୍ୟ । ରାବ୍ବି କଥାଟାକୁ ସମ୍ମାନ ଦେଲେ । ତାଙ୍କରି ହସ୍ତକ୍ଷେପ ଫଳରେ ସ୍ଥିର ହେଲା—ଧନୀଲୋକର ଶବ ପଚ୍ଛୁଆରରେ କବର-ଖାନାକୁ ଯିବ ନାହିଁ ତାକୁ କବରଖାନାର ବାଡ଼ ପାଖରେ କବର ଦିଆଯିବ । ଟିକିଏ ଯତ୍ନ ମଧ୍ୟ ତାର ଶବକୁ ଦିଆଯିବ ନାହିଁ ।

ଯେପରି ସ୍ଥିର ହୋଇଥିଲା, ସେପରି ହେଲା । କିନ୍ତୁ ଦେଖାଗଲା ଯେ ଶବ ପଛେପଛେ ସହରର ସବୁଠାରୁ ଦାମୀ ଓ ଲୋକପ୍ରିୟ ମୋଚିଟି ଯାଉଛି । ଆଖିରୁ ତାର ଅବାରିତ ଲୋତକଧାର ଛୁଟୁଥାଏ । ସମସ୍ତେ ଏ କଥା ଦେଖି ଅବାକ୍ । ଆଶ୍ଚର୍ଯ୍ୟ । କୌଣସି କାରଣ ସେମାନେ ଜାଣିପାରିଲେ ନାହିଁ ।

ଧନୀଲୋକର ମୃତ୍ୟୁର କିଛିଦିନ ପରେ ଭିକାରିମାନେ ମୋଚି ଦୁଆରୁ ଖାଲି ହାତରେ ଫେରିଲେ । ମୋଚିଟି ତାଙ୍କୁ ଦେଖି ଦୀର୍ଘ-ନିଃଶ୍ୱାସ ପକାଏ । ହାତଯୋଡ଼ି ବିନୟ ଭାବରେ କହେ - "ମୁଁ ନିଃସ୍ୱ । ତମକୁ ଦେବାଭଳି ମୋ ପାଖରେ କିଛି ନାହିଁ । ମୋତେ କ୍ଷମାକର ।"

କେବଳ ଭିକାରିମାନେ ନୁହନ୍ତି, ସେ ଅଞ୍ଚଳର ସବୁ ଲୋକ ମୋଚିର ଏ ଢଙ୍ଗ ଦେଖି ଅବାକ୍ ।

କଥାଟା ସରକାରଙ୍କ କାନକୁ ଗଲା । ସେ ମୋଚିକୁ ଡକାଇ ପଠାଇଲେ । ତା'ଭଳି ଲୋକ କିପରି ଭିକ୍ଷାଦେବା ବନ୍ଦ କରିଦେଇଛି ସେ ବିଷୟରେ ସବିଶେଷ ପଚାରିଲେ । ମୋଚିଟି କହିଲା —"ମୁଁ ଜନ୍ମରୁ ଦରିଦ୍ର । ମୋଚି କାମ କରି ପେଟ ପୋଷେ । ଯେଉଁ ଧନୀ ଇନ୍ଦ୍ରଜୀଟି ମରିଗଲେ, ସେ ଦିନେ ମୋ ପାଖକୁ ଆସିଥିଲେ । ସାଥିରେ ସେ ବହୁ ଧନରତ୍ନ ଆଣିଥିଲେ । ସେତକ ମତେ ଦେଇ କହିଲେ—ଏ ଧନରତ୍ନ ସବୁ ରଖ । ତମକୁ ଏ ସମସ୍ତ ଭିକାରି-ମାନଙ୍କୁ ଦାନ କରିବାକୁ ହେବ, ଖାଲି ହାତରେ କାହାକୁ ଫେରାଇବ ନାହିଁ । ଏତିକ ସରିଗଲେ ମୋ ପାଖକୁ ଆସିବ । ଯେତେ ଯାହା ଦରକାର ନେଇ ଆସିବ । କିନ୍ତୁ ଗୋଟିଏ ସର୍ତ୍ତ । ମୁଁ ନମରିବା ପର୍ଯ୍ୟନ୍ତ ଏକଥା କାହାରେ ପ୍ରକାଶ କରିବ ନାହିଁ ।"

ମୁଁ ସେଇଦିନୁ ତାଙ୍କ କଥା ମାନିଆସିଛି । ତାଙ୍କ ଧନକୁ ମୁଁ ଦାନ କରେ । ପଇସା ସରିଗଲେ, ମୁଁ ପୁଣି ଯାଏ । ଯାହା ଦରକାର ତା ନେଇଆସେ । କେବେବେଳେ ମୋର ଚାହିଦାକୁ ସେ ପୂରଣ କରିବାକୁ କୁଣ୍ଠାବୋଧ କରିନାହାନ୍ତି । ସେ ଆଜି ମୃତ । ମୋ ପାଖରେ ଯାହା ଥିଲା ସରିଗଲା । ମୁଁ ତ ନିଃସ୍ୱ । ଭିକାରୀମାନଙ୍କ ଚାହିଦା ପୂରଣ କରିବାକୁ ମୁଁ ଏକଦମ୍ ଅକ୍ଷମ । ସେଇକଥା ମଧ୍ୟ ସେମାନଙ୍କ ଆଗରେ ପ୍ରକାଶ କରୁଛି ।

ରବ୍ବି ମନଧ୍ୟାନ ଦେଇ ମୋର କଥା ଶୁଣୁଥିଲେ । ସେ ଜାଣିଲେ—ଧର୍ମାଲୋକଟି ମହାନ୍ । ଗରିବଙ୍କୁ ସେ ସାହାଯ୍ୟ କରିବାକୁ ଲାଳାୟିତ—ଅଥଚ ତାର ପ୍ରଚାର ନ ହେବା ପାଇଁ ସେ ସଚେତନ । ଏହା ଦେବଦୁର୍ଲଭ ଗୁଣ । ତେଣୁ ସେ ନମସ୍ୟ ।

ରବ୍ବି ସବୁ ଇହୁଦୀମାନଙ୍କୁ ଡକାଇଲେ । ସମସ୍ତ କଥା ସେମାନଙ୍କ ଆଗରେ ପ୍ରକାଶ କଲେ । ସବୁ ଇହୁଦୀମାନେ ମୃତ ଧର୍ମାଲୋକକୁ ଧନ୍ୟ ଧନ୍ୟ କଲେ ।

ସେମାନେ ଏକାଠି ହୋଇ ଧର୍ମାଲୋକର କବର ପାଖକୁ ଗଲେ । ସେଠି ସମସ୍ତେ ନତଜାନୁ ହୋଇ ପ୍ରାର୍ଥନା କଲେ—"ହେ ମହାପୁରୁଷ । ଆପଣ ମହାନ୍ । ଆପଣଙ୍କର ଦୟା ଅସୀମ । ଅତୁଳନୀୟ । ଆମେ ଅଜ୍ଞାତରେ ଆପଣଙ୍କ ପ୍ରତି ଅନ୍ୟାୟ କରିଛୁ । ଆମେ ଦୋଷୀ । ଆମକୁ କ୍ଷମା କରନ୍ତୁ ।"

ସେଇଦିନୁ ଧର୍ମାଲୋକର କବର ଆଉ ପରିତ୍ୟକ୍ତ ହୋଇ ରହିଲା ନାହିଁ । ସେଠି ଲୋକମାନେ ଜୁଟିଲେ । ଫୁଲଗୁଚ୍ଛ ଥ ଦେଲେ ।

ରବ୍ବିଙ୍କର ସେଇ ଧର୍ମୀପୁରୁଷଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିଲା । ସେଥିପାଇଁ ମରିବା ପୂର୍ବରୁ ସେ ତାଙ୍କ ଉଇଲ୍‌ରେ ଉଲ୍ଲେଖ କରିଗଲେ—"କବରଖାନାର ବାଡ଼ପାଖରେ ଥିବା ଧର୍ମାଲୋକର କବର ପାଖରେ ମୋତେ କବର ଦେବ ।"

ଆଶ୍ଚର୍ଯ୍ୟ ଉପହାର

ବହୁତ ଦିନ ତଳେ ଗାଲ୍ଲିର ପେନ୍‌ରେ କେବଳ ଇହୁଦୀମାନେ ରହୁଥିଲେ । ତା ଭିତରୁ ଜଣଙ୍କର ନାଁ ଜୋସେଫ । ସେ ଧାର୍ମିକ, ନ୍ୟାୟପରାୟଣ ଓ ଦୟାଳୁ । ପ୍ରତିଦିନ ଧର୍ମଶାସ୍ତ୍ର ପଢ଼େ । ନିତିନିୟମ ପାଳେ । ଯାହା କରିବା କଥା, ସେ କେବେହେଲେ ଭୁଲେ ନାହିଁ । ସେ ତ ଜଣେ କୃଷୀ । ଗାଁର ଅନ୍ୟ କୃଷୀ ପରି ସେ ତା'ର ସ୍ତ୍ରୀ ବିଲରେ କାମ କରନ୍ତି । କୃଷି ଉପରେ ସେମାନେ ସଂପୂର୍ଣ୍ଣ ନିର୍ଭରଶୀଳ ।

ପେକିନ୍‌ରେ ସେତେବେଳେ ଅଟାକଳ ନଥିଲା । ସମସ୍ତେ ଗହମ ଚୂରାଇବାକୁ କାଶୀବର୍ତ୍ତ୍ୟାଦ ନଈକୂଳକୁ ଯାଉଥିଲେ । ସେଇ ନଈଟି ମେରନ ପର୍ବତମାଳାରୁ ବାହାରି ସେ ସହରବାଜଠାରେ ଭୂମଧ୍ୟସାଗରରେ ପଡ଼ୁଛି । ସବୁବେଳେ ନଈରେ ଅବାଧ କାତ ପାଣି । ତେଣୁ କଳ ଚଳାଇବା ପାଇଁ ଯଥେଷ୍ଟ ସୁବିଧା । ସେଥିପାଇଁ ସବୁ ଅଟାକଳତକ ଏଇ ନଈକୂଳରେ ଥାଏ ।

ପ୍ରତିମାସରେ ଜୋସେଫର ସ୍ତ୍ରୀ ଗହମ ସେ ଇଧାର ଝଫାକରି ଶୁଖାଏ । ସେତକ ଧରି କାଶୀବର୍ତ୍ତ୍ୟାଦ ନଈକୂଳକୁ ଜୋସେଫ ଯାଏ । ସେଠାରେ ଅଟା ଚୂରାଇ ଘରକୁ ଆଣେ ।

ବାଳକର କଥା । ସେଦିନ ଜୋସେଫ୍ ଅଟା ଚୂରାଇ ଘରକୁ ଫେରୁଥାଏ । ନଈକୂଳରେ ପାଣି ଧାରେ ଧାରେ ଆସିବାକୁ ଜୋସେଫକୁ ଭଲ ଲାଗେ । ସେଥିପାଇଁ ସେ ଧଟିକୁ ଟେ ପ ଡ଼ୀର ଧାରର ଧାରେ ଆଣୁଥାଏ । ମନ ତା'ର ସେତେବେଳେ ବେଶ୍ ହାଲୁକା । ସବୁ ପୁଅମାନେ ବାପର କିଛି ଗୁଣ ଆଣି ଥାଆନ୍ତି । ଜୋସେଫ୍ ତା'ର ବ୍ୟତିକ୍ରମ ନୁହେଁ । ବାପା ତାଙ୍କ ଜଣେ କାଳଜାଦ ମୋଚି ଥିଲେ । ସେ ଜୋତାକାମ କଲାବେଳେ ମନ ତାଙ୍କର ହାଲ୍କା ଥାଏ ।

ସେ ଗୁଣୁ ଗୁଣୁ କରି ଗୀତ ଗାଆନ୍ତି । ଏବେ ବି ମନ ଭାଲୁକା ଥିଲେ ଜୋସେଫ୍ ଗୁଣୁ ଗୁଣୁ କରି ଗୀତ ଗାଏ ।

ସେଦିନ ସେ ଗୁଣୁ ଗୁଣୁ କରି ଗୀତ ଗାଉଥିଲାବେଳେ କେତେବେଳେ ସେ ଜାହାଜ ଘାଟ ଝରଣା ପାଖରେ ପହଞ୍ଚିଯାଇଛି, ତାକୁ ଜଣା ନାହିଁ । ହଠାତ୍ କଳକଳନାଦିନୀ ଝରଣାକୁ ଦେଖି ତାର ଖିଆଲ ଆସିଲା ।

ସେଠି ପ୍ରସିଦ୍ଧ ସନ୍ଥ ଆବାହୋସ୍ୱାଙ୍କର କବର । ସେ ସ୍ଥାନଟି ବେଶ୍ ଶାନ୍ତ । ଆରାମଦାୟକ ଓ ମନୋମୁଗ୍ଧକର । ପରିବେଶଟି ବେଶ୍ ଭଲ । ସେ ଗଧପିଠିରୁ ଓହ୍ଲାଇପଡ଼ିଲା । ଯେତେବେଳେ ସେ ଏବାଟେ ଯାଏ, ଏଠି ଟିକିଏ ବିଶ୍ରାମ କରେ । ଏଇଟା ତା'ର ଅଭ୍ୟାସ । ଆଜି ବି ସେଇଆ କଲା । ଝରଣା ପାଖକୁ ଗଲା । ମୁନ୍ଦେ ପାଣି ପିଇଲା । ତାପରେ ଆସି କବର ପାଖରେ ନିଜକୁ ଲମ୍ବାଇ ଦେଲା ।

ପ୍ରଧାନ ରାସ୍ତା ସେଠୁ ବେଶି ଦୂର ନୁହଁ । ସେଠି ପହଞ୍ଚିଗଲେ, ଘରକୁ ଯିବାକୁ ଆଉ କିଛି ଅସୁବିଧା ହେବ ନାହିଁ । ଅଳ୍ପ-ଟିକିଏ ସମୟ ସେ ବିଶ୍ରାମ ନେଇ ପୁଣି ଉଠିଲା । ଗଧ ଉପରେ ବସି ପ୍ରଧାନ ରାସ୍ତା ଆଡ଼କୁ ଗଲା ।

ମୁଣ୍ଡଟି ତଳକୁ କରି ଜୋସେଫ୍ ଯାଉଥାଏ । ହଠାତ୍ ଘାବାଡ଼ି ତଳେ ହେଉଥିବା ପାଟି ତା କାନରେ ପଡ଼ିଲା । ସେ ମୁଣ୍ଡକୁ ଟେକି ବୁଲିଲା । ଦେଖିଲା—କେତେଜଣ ଲୋକ କିଛି ଦୂରରେ ଠିଆ ହୋଇ-ଛନ୍ତି । ସେମାନଙ୍କର ପୋଷାକ କଳା । ସେମାନେ ତାକୁ ଠାରିକରି

ତାଙ୍କ ନିକଟକୁ ଆସିବାକୁ ଡାକୁଛନ୍ତି । ଜଣେ ଲୋକ ତା ପାଖକୁ ଆସୁଥିବାର ସେ ଦେଖିଲା । ସେ ଗଧକୁ ଆଉ ଆଗେଇ-ବାକୁ ଦେଲା ନାହିଁ । କିଛି ସମୟ ପରେ ଲୋକଟି ପାଖକୁ ଆସିଗଲା । ସେ ଜଣେ ଏକଦମ୍ ବୁଢ଼ା । ଦାଢ଼ି ଖୁବ୍ ଲମ୍ବା । ମୁଣ୍ଡର ବାଳ ଓ ଦାଢ଼ି ଶ୍ୱେତ ପରି ଧଳା ।

ବୁଢ଼ାଟି କହିଲା—"ଆମେ ଏଠି ନ'ଜଣ ଇହୁଦୀ ଅଛୁ । ସମବେତ ପ୍ରାର୍ଥନା କରିବାକୁ ଆମର ଦଶ ଦରକାର । ତୁ ତ ଜଣେ ଇହୁଦୀ । ଆ, ଆମ ସାଥିରେ ପ୍ରାର୍ଥନାରେ ଯୋଗ ଦେ ।"

ସମବେତ ପ୍ରାର୍ଥନାରେ ଯୋଗଦେବା କଥା ଶୁଣି ଜୋସେଫ ଭାରି ଖୁସି । ସେ ଗଧରୁ ଓହ୍ଲାଇପଡ଼ିଲା । ପାଖ ଗଛରେ ଗଧକୁ ବାନ୍ଧିଦେଲା । ବୁଢ଼ାଟି ଆଗେ ଆଗେ ଚାଲିଥାଏ, ଜୋସେଫ ତା ପଛରେ । ଉଭୟେ ପାହାଡ଼ ତଳକୁ ଗଲେ ।

ପ୍ରାର୍ଥନା ଶେଷ ହେଲା । ଜୋସେଫର ସେଠି ଆଉ କିଛି କରିବାର ନ ଥିଲା । ସେ ଗଧ ପାଖକୁ ଆସିବାକୁ ବାହାରିଲା । ଏତିକିବେଳେ ସେଠାରେ ଥିବା ରବ୍ବି (ଇହୁଦୀ ଧର୍ମଯାଜକ) ତାକୁ କହିଲେ —"ଏଇ ତମ୍ବୋଟି ବାଲିଗରଡ଼ା ନେଇଯା । ଏହାକୁ ତୋ ଅଟା ବସ୍ତାରେ ପକାଇଦେବୁ । ଏକଥା କାହାରିକୁ କହିବୁ ନାହିଁ । ଯେତେଦିନ ଯାଏଁ ଏକଥା ପେଟରେ ରଖିଥିବୁ, ସେତେ-ଦିନ ଯାକେ ତୋ ବସ୍ତାରୁ ଅଟା ସରିବ ନାହିଁ । ସେତିକି ଖର୍ଚ୍ଚ କଲେ ବି ସେତିକିକୁ ସେତିକି ରହିବ । କିନ୍ତୁ ଖବରଦାର, ଏକଥା ପ୍ରକଟ କରିବୁ ନାହିଁ । ଯେଉଁଦିନ ଏକଥା ପ୍ରକାଶ କରିବୁ ସେଇଦିନ ତୋ ସ୍ତ୍ରୀ ଓ ପିଲାମାନେ ମରିଯିବେ ।" ଏତକ କହି ତମ୍ବୋଟି ବାଲିଗରଡ଼ା ରବ୍ବି ଜୋସେଫକୁ ଧରାଇ ଦେଲେ

ଜୋସେଫ ବାଲଗରଣ୍ଡା ଡନୋଟିକୁ ଅଣ୍ଡା ଅଖାରେ ପକାଇ ଦେଲା । ଗଧରେ ଚଢ଼ି ଘରକୁ ଫେରିଲା ।

ମାସେ ବିତିଗଲା । ଅଣ୍ଡା ନ ସରିବାରୁ ଦେଖି ସ୍ତ୍ରୀ ତା'ର ଆଶ୍ଚର୍ଯ୍ୟ । କିନ୍ତୁ ସେ କାହାକୁ କିଛି କହିଲା ନାହିଁ । ମନକଥା ମନରେ ରଖିଲା । ବସ୍ତା ଉପରେ କିନ୍ତୁ ସେ ଆଖି ରଖିଥାଏ । ଦ୍ୱିତୀୟ ମାସ, ତୃତୀୟ ମାସ ବି ଚାଲିଗଲା । ବସ୍ତାରେ ଯେତିକିକୁ ସେତିକି ଅଣ୍ଡା । ଅଥଚ ଘରେ ପ୍ରତିଦିନ ଅଣ୍ଡା ଖର୍ଚ୍ଚ ଚାଲିଛି ।

ଏ ତ ଅଦ୍ଭୁତ କଥା । କାନ ହେଲାଦିନୁ ଏକଥା ସେ ଶୁଣି ନାହିଁ । ତାକୁ ସବୁ କଥା କେମିତି ଭେଳିକି ପରି ଲାଗିଲା । ତା'ର ଭୟ ମଧ୍ୟ ହେଲା । କ'ଣ ରହସ୍ୟ ଏହା ପଛରେ ଅଛି, ହୁଏତ ଜୋସେଫ ଜାଣିଥିବ । ଏକଥା ସେ ଭାବିଲା । ସେ ଯାଇ ଜୋସେଫକୁ ପଚାରିଲା - "ହଇହୋ ଶୁଣୁଛ ! ଆମେ ଯେତେ ଅଣ୍ଡା ଖର୍ଚ୍ଚ କଲେ ବି ଆମ ଅଖାରୁ ଅଣ୍ଡା ସରୁନାହିଁ । କ'ଣ ହୋଇଛି ଟିକିଏ ଦେଖନ୍ତ ନାହିଁ ?"

ଜୋସେଫ ତ ଅସଲ କଥା କହିବାକୁ ନାରାଜ, ସେ କଥାଟାକୁ ବାଆଁରେଇ ଦେଇ କହିଲା—"ଆମେ ଶାସ୍ତ୍ର ନିୟମ ମାନି ଚଳୁ । ଧନେ ହେଲେ କିଛି କରୁନାହିଁ । ଛୁଟି ଦିନରେ ଓ ଶନିବାରରେ ଆମର କାମ ବନ୍ଦ ହୁଏ । ସବୁଦିନ ଦି'ବେଳା ଆମେ ପ୍ରାର୍ଥନା କରୁ । ସେଥିପାଇଁ ଈଶ୍ୱର ଆମ ଉପରେ ସନ୍ତୁଷ୍ଟ । ଏଇଟା ତାଙ୍କର ଆଶୀର୍ବାଦ ।"

ସ୍ୱାମୀର ଏ ପ୍ରକାର ଉତ୍ତରରେ ସେ ସନ୍ତୁଷ୍ଟ ହୋଇପାରିଲା ନାହିଁ । ବରଂ ଭାବିଲା—ସ୍ୱାମୀ ଅସଲ କଥା ଜାଣେ । ତାକୁ ସେଥି-

ପାଇଁ ଭୁଲୁଅଛୁ । ସେ ମନେ ମନେ ରାଗିଗଲା । ସେ କହିଲା—"ତୁମେ ମତେ ଗୁପ୍ତକଥା ଖୋଲିକରି କହିବାକୁ ନାରାଜ । ଆଜି-ଠାରୁ ତମର ମୋର ଏତିକି । ମୁଁ ତମକୁ ଛାଡ଼ି ଚାଲିଯିବି ।"

ଜୋସେଫ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲା । ନ କହିଲେ ସ୍ତ୍ରୀ ପଳେଇବ, କହିଲେ ସ୍ତ୍ରୀ ଓ ପିଲାମାନେ ମରିଯିବେ । କ'ଣ କରିବ ସେ ଠିକ୍ କରିପାରିଲା ନାହିଁ । ମନେ ମନେ ଖାଲି ଈଶ୍ୱରଙ୍କୁ ଡ଼ାକିଲା ।

ସେ ଭାବିଲା—ଗୁପ୍ତ କଥା ପ୍ରକାଶ କଲେ ଯେଉଁ ବିଷମୟ ଫଳ ଫଳିବ, ସେ କଥା ସେ ସ୍ତ୍ରୀକୁ ତା'ର ଜଣାଇଦେବ । ଯଦି ସେ ବାଧ କରେ, ତେବେ ସେ ନାଚାର । ସବୁ ସତ କଥା କହିଦେବ । ଈଶ୍ୱରଙ୍କର ଯାହା ବିଧାନ ଥିବ ତାହା ହିଁ ହେବ ।

ସେ ତା'ର ସ୍ତ୍ରୀକୁ କହିଲା—"ଏ ସବୁ କଥା ପଛରେ ଏକ ଗୁପ୍ତ କଥା ଅଛି । ପ୍ରକାଶ କଲେ, ତୁ ଆଉ ଆମର ପିଲାମାନେ ମରିଯିବ । ତେଣୁ ତୁ ଏକଥା ଜାଣିବାକୁ ଆଉ ଇଚ୍ଛା କର ନାହିଁ ।"

ସ୍ତ୍ରୀ ଭାବିଲା, କଥାଟି ନ କହିବା ପାଇଁ ଏ ଏକ ଅଭିନବ ଫିକର । ତେଣୁ ସେ କହିଲା—"ମୋ ନିଷ୍ପତ୍ତି ମୁଁ କହେଇ ଦେଇଛି । ତମେ ଯଦି କହିବାକୁ ମତେ ନ ଚାହୁଁଛ, ତା'ହେଲେ କହନାହିଁ । କିନ୍ତୁ ମୁଁ ତମକୁ ଛାଡ଼ିକରି ଯିବା ନିଶ୍ଚିତ । ଏଥିରେ ସନ୍ଦେହ ଆଉ କରନାହିଁ ।"

ଜୋସେଫ ପୁଣି ଈଶ୍ୱରଙ୍କୁ ମନେ ମନେ ଡାକିଲା । ଏକ ଦୀର୍ଘନିଶ୍ୱାସ ପକାଇ ସେ ଅଠା ନେଇ ଆସିବା ବାଟରେ ଯାହା ସବୁ ଘଟିଥିଲା, ସବୁ ଗୋଟି ଗୋଟି କରି ସ୍ତ୍ରୀକୁ କହିଲା । ତା'ଛଡ଼ା ବୃଦ୍ଧଙ୍କର ସତର୍କବାଣୀ ମଧ୍ୟ କହିଲା ।

ସେଇଦିନ ରାତିରେ ଲମ୍ବା ଦାଢ଼ିଆ ବୁଢ଼ା ତା ଆଗରେ ଠିଆ ହେଲା । ସେ କହିଲା—"ତୁ ପ୍ରକୃତରେ ନ୍ୟାୟପରାୟଣ । ତୁ ଏତେ ସୁବିଧା ପାଇ ବି ଅନ୍ୟାୟରେ କାହାକୁ ଦଣ୍ଡ ଦେଇନାହୁଁ । ସେଥିରୁ ଫାଇଦା ଉଠାଇବାକୁ ଚେଷ୍ଟା ମଧ୍ୟ କରିନାହୁଁ । କଥାଟିକୁ ପ୍ରକାଶ କରିବାକୁ ତୋର ଆଦୌ ଆଗ୍ରହ ନଥିଲା । କିନ୍ତୁ ସ୍ତ୍ରୀର ବାଧ୍ୟ ବାଧ୍ୟକତାରେ ତୁ ଗୁପ୍ତକଥା ଖୋଲିଲୁ । ସେଥିପାଇଁ ତୋର ଦୋଷ ହୋଇଛି ସତ, କିନ୍ତୁ ତାହା କ୍ଷମଣୀୟ । ଫଳରେ ତୋ ସ୍ତ୍ରୀ ପିଲା ବି ମରିବେ ନାହିଁ । କିନ୍ତୁ ଅଖା ତୋର କାଳ ହୋଇଯିବ । ଏଥରକ ତୋ ସ୍ତ୍ରୀ ତୋ ସାଥିରେ କଳି କରି ବସାଇ ଉଠାଇ ଦେବ ନାହିଁ । ତୋର ଜୀବନ ଦୁଃଖମୟ ହେବ ।"

ବୁଢ଼ାଟି ଯାହା କହିଥିଲା, ସେଇଆ ହେଲା । ସେଇଦିନଠୁଁ ଜୋସେଫ ବନ୍ଧୁଟିଏ ସୁଖଶାନ୍ତିରେ ରହିପାରିଲା ନାହିଁ । ଘର ହେଲା କଳି, ଅଶାନ୍ତି, ବାଦ ଓ ବିବାଦ । ଶେଷରେ ତା'ର ଏଇ ଦୁର୍ବିସହ ଜୀବନର ପରିସମାପ୍ତି ଘଟିଲା ।

ଘରକୁ ଲାଗି ତା'ର ବଡ଼ିକ୍ସ । ସେକୁଠି ଭୂଇଁକୁ କବର ଦିଆଗଲା । କାଳକ୍ରମେ ଲୋକେ ଗୁପ୍ତ କଥା ଜାଣିଲେ । ଲୋକଟି ଯେ ନ୍ୟାୟପରାୟଣ, ଏଥିରେ ସନ୍ଦେହ ନଥିଲା ।



ନାସ୍ତିକ

ସବୁ ମଣିଷର ଖିଆଲ ଅଛି । ବେଳେ ବେଳେ ଅଦ୍‌ଭୁତ ଖିଆଲ ମଣିଷ ମନରେ ଜୁଟେ । ତାକୁ କାର୍ଯ୍ୟକାରୀ କରିବାକୁ ସେ ପାଗଳ ହୁଏ । ନ ଠିକଲେ ସେ ଶିଖେ ନାହିଁ । ଏଇମିତି ଅଦ୍‌ଭୁତ ଖିଆଲ ଜଣେ ଧନୀଲୋକର ଥିଲା । ତା' ମତରେ ଏ ସଂସାରରେ ସମସ୍ତେ ଈଶ୍ୱରବିଶ୍ୱାସୀ ହୋଇନଥିବେ । ସଂସାରରେ ନିଶ୍ଚୟ ତାର ବ୍ୟତିକ୍ରମ ଥିବ । ଏପରି ଲୋକ ଥିବ, ଯାହାର କି ଈଶ୍ୱରଙ୍କ ଉପରେ ଜମା ଆସ୍ଥା ନଥିବ ।

ଏପରି ଲୋକଙ୍କୁ ଖୋଜି ବାହାର କରିବାକୁ ତା'ର ଭାରି ଇଚ୍ଛା । କେବଳ ସେତିକି ନୁହେଁ, ତାକୁ ଏକଶତ ତୋମାନ (ପାରସ୍ୟ ମୁଦ୍ରା) ଦେବ ବୋଲି ଗୋଟିଏ ଥଳିରେ ଅଲଗା କରି ରଖିଲା ।

ତା ମତରେ ସଂସାରରେ ତିନି ପ୍ରକାର ଲୋକ ଅଛନ୍ତି । ସେମାନେ ହେଲେ -ଧନୀ, ମଧ୍ୟବିତ୍ତ ଓ ଗରିବ । ଧନୀମାନେ ଧନ ବଢ଼ାଇବାକୁ ବ୍ୟସ୍ତ । ସେମାନେ ସବୁବେଳେ ଈଶ୍ୱରଙ୍କର ଶରଣାପନ୍ନ । ସେମାନଙ୍କର ଈଶ୍ୱରଙ୍କ ଉପରୁ ଆସ୍ଥା ତୁଟିବା କଥା ଜମା ଉଠୁନାହିଁ । ମଧ୍ୟବିତ୍ତମାନେ ସେମାନଙ୍କ ଭାଗ୍ୟ ନେଇ ପ୍ରାୟ ସନ୍ତୁଷ୍ଟ । ସେମାନେ ଈଶ୍ୱର ବିଶ୍ୱାସୀ । ଦରିଦ୍ର ଲୋକଙ୍କର କଥା ଦୋହରା । ଭାଗ୍ୟ ଦୋଷରୁ ସେମାନେ ଏ ଅବସ୍ଥାରେ ପଡ଼ିଛନ୍ତି । ଏହା ତାଙ୍କର ଧାରଣା । ବେଳେବେଳେ ସେମାନେ ତାଙ୍କ ଭାଗ୍ୟର ବିପର୍ଯ୍ୟୟ ପାଇଁ ଈଶ୍ୱରଙ୍କୁ ଦୋଷ ଦେଇଥାଆନ୍ତି ।

ସେହିମାନେ ଦରିଦ୍ର ତ ଦରିଦ୍ର । ତା ଛଡ଼ା ଦାରିଦ୍ର୍ୟର କଷ୍ଟରେ ଅତିଷ୍ଠ । ଏଣେ ସାହା ଭରସା ତ ଦୂରର କଥା, ଆହା ଟିକିଏ ମିଳେ ନାହିଁ । ସେମାନେ ଈଶ୍ୱରଙ୍କ ଉପରେ ନିଶ୍ଚୟ, ରୁଷ୍ଟଥିବେ । କେବେହେଲେ ଈଶ୍ୱରଙ୍କ ଉପରେ ଆସ୍ଥା ରଖୁନଥିବେ । ସେଇ-

ମାନେ ହିଁ ପ୍ରକୃତରେ ନାସ୍ତିକ । ସେମିତି ଲୋକଟିଏ ପାଇଲେ, ସେ ତାଙ୍କୁ ଏକଶହ ତୋମାନର ଥଳିଟି ଦେବ ।

ତାର ଚନ୍ଦାଧାରକୁ ଖାଦ୍ୟ ଖୁଆଇଲା ଭଳି ଅନ୍ତତଃ ଜଣେ ଲୋକଙ୍କୁ ଖୋଜି ତାଙ୍କୁ ବାହାର କରିବାକୁ ହେବ । ସେଥିପାଇଁ ସେ ଏକଶହ ତୋମାନ ରଖିଥିବା ଥଳିଟି ଧରି ବଜାରକୁ ବାହାରି-ପଡ଼ିଲା । ସେ ଦେଖିଲା—ପଞ୍ଚେ ଲୋକ ଗୋଟିଏ ଜାଗାରେ ବସି ଗପ କରୁଛନ୍ତି । ସେମାନେ ସେଠି କିଛି କାମ କରୁନାହାନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ଫୁଙ୍ଗୁଳା ଉପାସ ରହି ରହି କେତେକଙ୍କର କଣ୍ଠା ଦୋହଲୁଛି । ସେମାନେ ଯେ ଭୋକାଶୋଷ ଓ ଅଳସୁଆ, ଏଥିରେ ଧନୀଲୋକର ସନ୍ଦେହ ରହିଲା ନାହିଁ । ସେ ସେମାନଙ୍କ ପାଖକୁ ଗଲା । ଏକଶହ ତୋମାନ ରଖିଥିବା ଥଳିଟିକୁ ସେ ଉପରକୁ ଉଠାଇ ବଡ଼ ପାଟିରେ କହିଲା—"ଭାଇମାନେ ! ମୋ କଥା ଟିକିଏ ଶୁଣିବା ହୁଅନ୍ତୁ । ତମେ ଏ ଯେଉଁ ଅବସ୍ଥାରେ ଅଛ, ତାହା ତମର କର୍ମଫଳ । ଏହା ତମର ଦୋଷ ନୁହେଁ । ଏହା ତମ ଭାଗ୍ୟର ଦୋଷ । ଏହି ଦୋଷରୁ ତମେ ମର୍ମନ୍ତୁଦ କଷ୍ଟ ଭୋଗୁଛ । ତାହା ଭାଷାରେ ବ୍ୟକ୍ତକରିବା ଅସମ୍ଭବ । ନିଜର ଅଭାବ ମେଣ୍ଟାଇବା ପାଇଁ ତୁମେମାନେ ହାତପତାଇ ମାଗୁଛ । ଦାନ ତ ଦୂରର କଥା । ଆଶା ଭରସା ବି ମିଳୁନାହିଁ । ତୁମେମାନେ ଅତିଷ୍ଠ । ତମର କାହା ଉପରେ ଆଉ ଆସ୍ଥା ନାହିଁ । ଭଗବାନ ମଧ୍ୟ ବ୍ୟତିକ୍ରମ ନୁହନ୍ତି । ତମର ଯଦି ପ୍ରକୃତରେ ଭଗବାନଙ୍କ ଉପରେ ଆଉ ଆସ୍ଥା ନାହିଁ, ତାହାହେଲେ ତମେ ମୋ ପାଖକୁ ଆସ । ମୁଁ ଏଇ ଏକଶହ ତୋମାନ ଦେଉଛି, ନେଇଯାଅ ।"

ହୁଣ୍ଡ ହୋଇଥିବା ଲୋକମାନେ ମନଦେଇ ଧର୍ମଲୋକଟିର କଥା ଶୁଣିଲେ । ଅନେକେ ପ୍ରଥମେ ତା କଥାର ମର୍ମ ବୁଝିପାରିଲେନାହିଁ । ସମସ୍ତେ ନୀରବ । ଚାଳକ ବି । ଜଣେ ଦାନ ନେବାପାଇଁ ଲୋକଟିଏ ପୁଣି ଖୋଜୁଛି ଦେଖି ସେମାନେ ଆଶ୍ଚର୍ଯ୍ୟ । ସେମାନେ ସମସ୍ତେ ଟିକେ ଚିନ୍ତାକଲେ । ଟିକକ ପରେ ସେମାନଙ୍କ ମଧ୍ୟରେ କୁହାକୁହି ଆରମ୍ଭ ହେଲା ମଣିଷ ସବୁଥିରୁ ବିଶ୍ୱାସ ହରାଇପାରେ, କିନ୍ତୁ ଭଗବାନଙ୍କ ଉପରୁ ଆସ୍ଥା ତୁଟାଇ ପାରିବ ନାହିଁ । ଇଶ୍ୱରଙ୍କର ଦୟା ଅସୀମ । ତାଙ୍କର ଦୟାହେଲେ, କାଲିକୁ କାଲି ଭାଗ୍ୟ ବଦଳିବ । ଏକଶତ ଟୋମାନ କ'ଣ ଶତସହସ୍ର ଟୋମାନ ବଳେ ବଳେ ଆସି ପହଞ୍ଚିବ । କିନ୍ତୁ ଇଶ୍ୱର ବାମ ହେଲେ, ଯେଉଁ ଭିକ ଗଣ୍ଡାକ ମିଳୁଛି, ତା' ବି ଅଉ ମିଳିବ ନାହିଁ । ଏଇ ଟୋମାନଟିକ ନେଲେ ଭୋଗ ବି କରିହେବ ନାହିଁ । ଗୃହଁ ଗୃହଁ ଆଖି ପିଛୁଳାକେ ତାହା ବାଏଁ ବାଏଁ ଉଡ଼ିଯିବ । ଏଇ ସାମାନ୍ୟ ଦାନ ଗ୍ରହଣ କରି ଇଶ୍ୱରଦ୍ରୋହୀ ହେବା ଉଚିତ ହେବନାହିଁ । ବରଂ ଏଥିପାଇଁ ଇଶ୍ୱର ରାଗିବେ, ଅସନ୍ତୁଷ୍ଟ ହେବେ । ମଣିଷ ଯେଉଁ ଅବସ୍ଥାରେ ଅଛି, ତା'ଠାରୁ ଅବସ୍ଥା ଆହୁରି ଖରାପ ହେବ । ଏଥିରେ ଲାଭ କ'ଣ ମିଳିବ ? ସେ ଦାନ ନାଁରେ ଆମକୁ ନାସ୍ତିକ କରିବାକୁ ବସିଛି ।

ପ୍ରଥମେ ସେମାନେ ଚୁପ୍‌ଚାପ୍ ହେଲେ । କଥାଟା ଆସ୍ତେ ଆସ୍ତେ ଆଲୋଚନାର ବିଷୟବସ୍ତୁ ପାଲଟିଗଲା । ଆସ୍ତେ ଆସ୍ତେ ଦୁଷ୍ଟଲୋକମାନେ ଆଗେଇ ଆସିଲେ । ସେମାନେ ଖୋଲାଖୋଲି ଭାବରେ ଉପସ୍ଥିତ ଜନତାକୁ କହିଲେ—"ଏ ଏକ ବଦମାସ୍ ଲୋକ । ଆମକୁ ବିପଦରେ ପକାଇ ମଜା ଦେଖିବାକୁ ତାର ଇଚ୍ଛା । ଦେଖ, କେମିତି ଇଶ୍ୱରଙ୍କ ଉପରୁ ଆସ୍ଥା ତୁଟାଇବାକୁ ଆମକୁ ଆହ୍ୱାନ ଦେଉଛି ।"

କୌଣସି ଉତ୍ତର ବୁଝିପାରୁ ନାହିଁ । ହୋ ହୋ ହୋଇ ମାଡିବା ତାଙ୍କର ଅଭ୍ୟାସ ! ଥୋକେ ଧନୀଲୋକ ପାଖକୁ ମାଡିଗଲେ । ଗର୍ଜନ କରି ତାକୁ କହିଲେ—"ଯଦି ତୋର ଭଲ ଚାହୁଁଛୁ, ଏଠୁ ଶୀଘ୍ର ପ୍ରାଣ ଘେନି ପଳା । ନହେଲେ ଆମେ ତତେ ପିଟି ପିଟି ମାରିଦେବୁ ।"

ଧନୀଲୋକଟିର କଥା ଶୁଣି ଲୋକଙ୍କ ମଧ୍ୟରୁ କେତେକ ଭାବିଲେ, ଈଶ୍ବର ତାଙ୍କ ଉପରେ ରାଗିଛନ୍ତି । ତାଙ୍କର ଜୀବନ ବିପଦାପନ୍ନ ହୋଇଯିବ । ସେମାନେ କାତର ପ୍ରାର୍ଥନା କଲେ—"ହେ ଈଶ୍ବର ! ଆମେ ଦରିଦ୍ର, ସରଳ । ଆପଣଙ୍କ ଉପାସନା ଆମେ ପ୍ରତିପାଳନ । ଆପଣଙ୍କ ଦୟା ଆମର କାମ୍ୟ ଓ ପ୍ରାର୍ଥନା । ଆମକୁ କ୍ଷମା କରନ୍ତୁ । ଆମେ ବାରମ୍ବାର ଓ ସଂପଦରେ ଆପଣଙ୍କ ଭାଳୁ । ଆମର କେତେକ ଲୋକ ଆପଣଙ୍କ ଉପରୁ ଆସ୍ଥା ହରାଉଛନ୍ତି ।"

ଧନୀଲୋକଟି ସବୁକଥା ଶୁଣିଲା । ସେଠି ଅଧିକ ସମୟ ରହିଲେ ଯେ ବିପଦ, ଏଥିରେ ତାର ଆଉ ସନ୍ଦେହ ନଥିଲା । ସେ ସେଠୁ ପଳେଇଗଲା ।

ଧନୀଲୋକଟି ବାଟରେ ଯାଉ ଯାଉ ଦେଖିଲା, ଗୋଟିଏ ଲୋକ ଫଙ୍ଗୁଲା ହୋଇ ପାଉଁଶ ଗଦାରେ ଶୋଇଛି । ଅବସ୍ଥା ତାର ଅତି ଶୋଚନୀୟ । ଦୟନୀୟ ।

ତାକୁ ଧନୀଲୋକଟିର ଦୟା ଲାଗିଲା । ସେ ଭାବିଲା—ଏଇ ଅବସ୍ଥାରେ ଏ ଲୋକଟି କେବେହେଲେ ଆସ୍ତିକ ହୋଇପାରିବ ନାହିଁ । ତେଣୁ ସେ ସେଇ ଲୋକଟି ପାଖକୁ ଗଲା । ତାକୁ କହିଲା— "ତୁମେ ଏଠି ଏପରି ଅବସ୍ଥାରେ କାହିଁକି ପଡିଛ ? ଈଶ୍ବରଙ୍କ ଉପରେ ଅନାସ୍ଥା ଯାହା, ସେଥିରେ ତୁମେ ଯେ ନାସ୍ତିକ ଏଥିରେ ମୋର ସନ୍ଦେହ ନାହିଁ । ତେଣୁ ମୁଁ ତମକୁ ସାହାଯ୍ୟ କରିବାକୁ

[illegible] ଭକ୍ତମାନେ [illegible] ଏଥିରେ [illegible]
[illegible] ଅଛି ।”

ପୂଜକ ଲୋକଟି ଧର୍ମ ନିନ୍ଦା [illegible] କଥା ଶୁଣି ଖୁସି [illegible]
ନାହିଁ । ରାଗିଗଲେ । ସେ [illegible] ଧର୍ମ [illegible]
ଧର୍ମ [illegible] ଅଛନ୍ତି [illegible] ଦେବାଳୟ [illegible]
[illegible] ଠାଣି ଠାଣି କରି କହିଲେ, “[illegible] ଶେଷ [illegible]
ଥିବା ପର୍ଯ୍ୟନ୍ତ ଭଗବାନଙ୍କ [illegible] ମୋର ବିଶ୍ବାସ ରହିବ [illegible]
[illegible] ପ୍ରତିଦିନ [illegible] ପ୍ରାର୍ଥନା [illegible] ମୋ [illegible]
[illegible] ଅନୁଗ୍ରହ [illegible] ମନ୍ଦିରରେ ମୋ
ଆନ୍ତରିକ [illegible] ଦେଇ [illegible]।”

ଧର୍ମ ନିନ୍ଦକ [illegible] ଚାଲିଗଲେ । [illegible]
[illegible]
[illegible] କହିଲେ [illegible] ତା
[illegible] ଗାଆଁ । [illegible]
[illegible] ଦେଲେ । [illegible]
[illegible] ଆସିଲା । [illegible] ।

ଧର୍ମ ନିନ୍ଦକ [illegible] —[illegible]
[illegible]
ସେ [illegible] ତାଙ୍କ [illegible]
[illegible] ମନ୍ଦିର [illegible] କଥା [illegible] ରେ [illegible]
[illegible] ଆଶୀର୍ବାଦ [illegible]
[illegible]
ସେ [illegible] ଗଲେ । [illegible]
[illegible] — [illegible]

ତୁମେ ଉଠ । ତମର ତ ଆଉ କିଛି ଆଶା ନାହିଁ । ତେଣୁ ତମର ଭଗବାନଙ୍କ ଉପରେ ଆସ୍ଥା ରଖିବାର ଆବଶ୍ୟକତା କ'ଣ ? ମୋ'ର ବିଶ୍ୱାସ, ତମର ସମସ୍ତ ଆଶା ଭଗବାନଙ୍କଠାରୁ ତୁଟିଯାଇଛି । ସେଥିପାଇଁ ମୁଁ ଆଣିଥିବା ଏଇ ଏକଶତ ସୋମାନର ଥଳି ତମକୁ ଅର୍ପଣ କଲି ।" ତା'ପରେ ସେ ଥଳିଟିକୁ କବର ପାଖରେ ରଖି, ମାଟି ଚଢ଼ାଇ କବରଟିକୁ ପୋତି ଦେଲା ।

ସମୟ ଗଡ଼ିଚାଲିଛି । ଭାଗ୍ୟଚକ୍ରର ଘୂରିବା ବନ୍ଦ ହେଉନାହିଁ । ଏହା ଭିତରେ ଧର୍ମାତ୍ମାଟିର ଭାଗ୍ୟର ବିପର୍ଯ୍ୟୟ ଘଟିଛି । ସେ ତା'ର ସମ୍ପତ୍ତି ହରାଇଦେଇଛି । ସେ ଏବେ ଦରିଦ୍ର । ନିଃସ୍ୱ । ତା ହାତରେ ଆଉ ପଇସା ନାହିଁ । ତାକୁ ଦୁଇବେଳା ପେଟପୂରା ଖାଇବାକୁ ମିଳୁନାହିଁ । ପରିବାରର ଅନ୍ୟମାନେ ଉପାସରେ ରହୁଛନ୍ତି । ସମସ୍ତେ ତାକୁ ହିଁ ଦୋଷ ଦେଉଛନ୍ତି । ସେ ନାଚାର । ଏ ଅବସ୍ଥା ତାକୁ ଖୁବ୍ ବାଧେ । ସେ ଏଥିରୁ ଉଦ୍ଧରିବାକୁ ବାଟ ପାଏ ନାହିଁ ।

ସେଦିନ ତା ଘରେ ଖାଇବାକୁ କିଛି ନଥାଏ । ପୂର୍ବଦିନ ବି ସେମାନେ କିଛି ଖାଇ ନଥାଆନ୍ତି । ସେଥିପାଇଁ ଘରେ ତା'ର ଖୁବ୍ ଗଣ୍ଡଗୋଳ । ଏସବୁ ଦେଖି ବିଚରା ଧର୍ମାତ୍ମାଟି ବହୁତ ଦୁଃଖକଲା । ସେ ଅନେକ କଥା ଭାବିଲା । ସବୁ ପୁରୁଣା କଥା । ତା'ର ସମୃଦ୍ଧି ବେଳର କଥା । ହଠାତ୍ ତା'ର ମନେପଡ଼ିଲା—ସେ ଏକଶତ ସୋମାନର ଥଳି କବର ପାଖରେ ଯେ ଛାଡ଼ିଥିଲା—ମୃତବ୍ୟକ୍ତିକୁ ତାର ଦାନ ସ୍ୱରୂପ । ତାକୁ ଆଉ କେହି ଦେଖିନଥିଲେ । ଏବେ ସେ ମୁଦ୍ରାଟକ ଠିକ୍ ଯେମିତି ଥିବ । ସେତକ ସେ ଆଣିପାରିଲେ ତା' ଘରଲୋକ ଅନ୍ତତଃ କିଛିଦିନ ସୁଖରେ ଚଳିଯିବେ ।

ପରଦିନ ସକାଳୁ ସେ କବରଖାନାକୁ ଗଲା । ଯେଉଁ କବର ପାଖରେ ଥଳିଟି ପୋତିଥିଲା, ତାକୁ ଖୋଳି ବାହାରକଲା । ମନରେ

ତା'ର ଆନନ୍ଦ ବଢ଼ୁଥିଲା । ଏତିକିବେଳେ କବରଖାନା ଜଗୁଆଳର ନଜର ତା'ଉପରେ ପଡ଼ିଲା । ଜଗୁଆଳ ଭାବିଲା—ଧନୀ ଲୋକଟି ଗୋଟିଏ ଚୋର । କବର ଖୋଳି ମୃତବ୍ୟକ୍ତି ସାଥିରେ ପୋତା ହୋଇଥିବା ଧନ ଚୋରି କରୁଛି । ତାକୁ ଧରି ସେ ପୋଲିସ୍ ଜିମା ଦେଲା ।। ଧନୀଲୋକଟି ସବୁକଥା ପୋଲିସକୁ କହିଲା । କିନ୍ତୁ ତାକୁ ପୋଲିସ୍ ବିଶ୍ୱାସ କରିଲା ନାହିଁ । ଏହା ଏକ ସୁଚିନ୍ତିତ କୈଫିୟତ ବୋଲି ପୋଲିସର ଧାରଣା ହେଲା । ତେଣୁ ସେ ତାକୁ ଛାଡ଼ିଲା ନାହିଁ । ତାର ବିଚାର ପାଇଁ ତାକୁ ରାଜାଙ୍କ ନିକଟରେ ହାଜର କଲା । ତା ବିରୁଦ୍ଧରେ ଅଭିଯୋଗ ହେଲା—ଏ ଲୋକ କବରଖାନା ଖୋଳେ । କଫିନ୍ ପଟା କଣାକରେ । କଫିନ୍ ଭିତରେ ଥିବା ଧନରତ୍ନ ଲୁଟ୍‌କରେ । ତାର ସାକ୍ଷୀ—କବର-ଖାନାର ଜଗୁଆଳ ଓ ତା'ଠାରୁ ଧରା ହୋଇଥିବା ଏକଶତ ଟୋମାନ ।

ଧନୀଲୋକଟି କହିଲା—"ମହାରାଜ ! ଅଳ୍ପଦିନ ପୂର୍ବରୁ ମୁଁ ଖୁବ୍ ଧନୀ ଥିଲି । ମୋର ଖିଆଲ ଥିଲା ଅଦ୍ଭୁତ । ଯେଉଁଲୋକ ଭାଗ୍ୟ ଦୋଷରୁ ଗରିବ ହୋଇଥିବ ଏବଂ ତାଡ଼ନାପାଇ ନାସ୍ତିକ ପାଲଟି-ଯାଇଥିବ ତାକୁ ମୁଁ ଏକଶତ ଟୋମାନ ଦେବାକୁ ଖୋଜିଲି । କିନ୍ତୁ କାହାକୁ ପାଇଲି ନାହିଁ । ଭାବିଲି, ମୃତବ୍ୟକ୍ତିର ଆଶା ଓ ଆକାଂକ୍ଷା ଜୁଟୁ ନାହିଁ । ସେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିନଥିବ । ଏ ଧାରଣା ମୋର ଦୃଢ଼ ହେବାରୁ ମୁଁ କବରଖାନାକୁ ଗଲି । କବର-ଖୋଳି ଏକଶତ ଟୋମାନ ସେଠି ରଖିଦେଲି । ପୁଣି କବରଟିକୁ ପୋତିଦେଇ ବୁଲି ଆସିଲି ।

ଭାଗ୍ୟଚକ୍ରର ଆବର୍ତ୍ତନରେ ଆଜି ମୁଁ ଗରିବ । ଏମିତିକି ମୋ ଘରେ ଖାଇବାକୁ ଜୁଟୁ ନାହିଁ । ପିଲାମାନେ ଭୋକରେ ଆଉଟୁ-ପାଉଟୁ । ମୁଁ ସେମାନଙ୍କର ଅବସ୍ଥା ଦେଖି ନିଜକୁ ଆଉ ସମ୍ଭାଳି

ପାରିଲେ ନାହିଁ । ଭଉରି ଖାଲ ରେ ଦୁଇ ଥିବା [illegible] ଲୋକମାନେ ଦେଖିବାକୁ ଆସିଲେ । [illegible] ଭାଙ୍ଗିଥିଲେ [illegible] ଯାଉଥିଲେ । ଏତିକିବେଳେ ଭଉରିଙ୍କ [illegible] ସେ ମନେ ମନେ ଭାବିଲେ ଯେ [illegible] ଭଡ଼ା କରିଲେ [illegible] ଭଉରିଙ୍କର ଅଧିକ ସଂପୂର୍ଣ୍ଣ ନିଥିଲା । ଧର୍ମବନ୍ତ [illegible] ଭଉରି [illegible] ଆଜି ନାହିଁ କହିଲେ । [illegible] ନାହିଁ । [illegible] ଯୋଉ ଗର୍ଭ ଭଗ୍ନାଣ୍ଡ । [illegible]”

[illegible] “ଭଉରିଙ୍କର [illegible] ଭଉରି [illegible] ଯୋଉଠି [illegible]—[illegible] ଗଡ଼ ଭିତରେ [illegible] କରିବାକୁ ଗଲେ [illegible] କଷ୍ଟ ସବୁ ଭୁଲିଯିବି । [illegible]”

[illegible] “[illegible] ବଡ଼ । [illegible] ଦେଖିଲି ।”

([illegible])

ଦୁର୍ଭିକ୍ଷ

ମୋସୁଲ । ଉତ୍ତର ବେବିଲନ (ଇରାକ)ର ଗୋଟିଏ ସହର । କେତେ ପୁରୁଷ ହେଲାଣି, କେଜାଣି କହିହେବ ନାହିଁ । ଏଠି ଇହୁଦୀ ଓ ମୁସଲମାନ ଏକାଠି ରହିଆସୁଛନ୍ତି । ସେମାନେ ପରସ୍ପରର ପଡ଼ୋଶୀ । ସେମାନଙ୍କ ମଧ୍ୟରେ ଶ୍ରଦ୍ଧା, ସ୍ନେହ ଓ ଆନ୍ତରିକତା ଦେଖିଲେ ଈର୍ଷା ହୁଏ ।

ଆଗେ ସେମାନଙ୍କର ସଂପର୍କ ଏପରି ନଥିଲା । ଏହା ଥିଲା ଏକ୍-ଦମ୍ ଭିନ୍ନ । ଉଭୟ ସଂପ୍ରଦାୟର ସପ୍ରଧାନମାନଙ୍କର କର୍ତ୍ତୃତ୍ୱ ସେମାନଙ୍କ ଉପରେ ଥିଲା । ଫଳରେ ଟିକିଏ କଥାରେ ଖଣ୍ଡଯୁଦ୍ଧ ଲାଗିଯାଉଥିଲା । ଲୋକେ ଖଣ୍ଡିଆ ଖାବରା ହେଉଥିଲେ । ଉଭୟେ ଉଭୟଙ୍କୁ ଦୋଷ ଦେଉଥିଲେ । ସେମାନଙ୍କ ମଧ୍ୟରେ ଯେ ଭଲଲୋକ ନଥିଲେ, ତାହା ନୁହେଁ । କିନ୍ତୁ ସେମାନଙ୍କ କଥା କେହି ଶୁଣୁନଥିଲେ । ବରଂ ବିରୁଦ୍ଧ ଦଳକୁ ସାହାଯ୍ୟ କରୁଥିବାର ବଦନାମ ସେମାନଙ୍କର ଥିଲା । ତେଣୁ ଏହି ଭଲଲୋକମାନେ ଚୁପ୍ ହୋଇ ରହୁଥିଲେ ।

ଏପରି ଅବସ୍ଥା ସହରରେ ଲାଗିରହିଥିବା ବେଳେ ଥରେ ବର୍ଷା ବିଲକୁଲ୍ ହେଲା ନାହିଁ । ଏମିତିକି ମାଟି ଟିକିଏ ଓଦା ହେବାପାଇଁ ଆକାଶରୁ ମୁନ୍ଦେ ପାଣିପଡ଼ିବା ବି ଦୁର୍ଲଭ ହୋଇଗଲା । ଲୋକମାନେ ତ ମଣିଷ ହେଲେ ଆଶାବାଦୀ । ସେମାନେ ଭାବୁଥିଲେ—ପବପବା-ଶୀରେ ବର୍ଷା । ଏଥର ସେ ସମୟରେ ବର୍ଷା ହେବ । ସେ ସବୁ ଗଲା । ଆକାଶରେ ବାଦଲ ଖଣ୍ଡିଏ ବି ଦେଖାଗଲା ନାହିଁ । ଗଛପତ୍ର ଆସିଲା । ସେ ସମୟରେ ନାହିଁ ନ ଥିବା ବର୍ଷା ହୁଏ । କିନ୍ତୁ ତାହା ପୁରିଯାଏ । ସେ ବି ଗଲା । ବାଦଲର ଛାଇ ବି ପଡ଼ିଲା ନାହିଁ । ଲୋକମାନେ ଦୀର୍ଘନିଃଶ୍ୱାସ ପକେଇଲେଣି । ଏବର୍ଷ ସେ ଦୁର୍ଭିକ୍ଷ ସମ୍ଭବ, ଏଥିରେ ଆଉ କାହାରି ସନ୍ଦେହ ନାହିଁ ।

ବର୍ଷା ଅଭାବରେ ଫସଲ ବିଲରେ ମଲା । ଗାଈ ଗୋରୁଙ୍କୁ ଘାସ ଯୋଗାଏ ନାହିଁ । ସବୁ ଶୁଖିଲା । ସବୁଠି ପାଣିର ଅଭାବ ।

ବଜାରରେ ଦର ଦୁଇ ଦୁଇ ଗୁଣ ବଢ଼ୁଛି । ଗଲା ବର୍ଷ ଯେଉଁ ଗହମଦର ଯାହା ଥିଲା, ଏ ବର୍ଷ ତାହା ଦୁଇଗୁଣ ହୋଇଯାଇଛି । ଭୋକ ଶୋଷ ଜଭପୂରେ ଲୋକ ଆଉଠୁ ଯାଉଠୁ ହେଲେଣି ।

ଶୁକ୍ରବାର ଦିନ ମୁସଲମାନଙ୍କର ପବିତ୍ର ଦିବସ । ଏକାଠି ହୋଇ ସେମାନଙ୍କର ନମାଜ ପଢ଼ାଯାଏ । ବହୁ ଲୋକ ଏକାଠି ଜୁଟିବାରୁ ନାନା କଥା ପଡ଼େ । ଏବେ ତ କାହା ମନରେ ସୁଖ-ନାହିଁ । ସମସ୍ତଙ୍କ ମୁହଁରେ ଗୋଟିଏ କଥା । ଯେ ଦେଖୁଛି ଦୁର୍ଭିକ୍ଷ । ତେଣୁ ବର୍ଷା ବିଷୟରେ ଆଲୋଚନା ହୁଏ । ଅସୁବିଧା ପଡ଼ିଲେ, ଲୋକେ ଭଲ ଲୋକଙ୍କର ପରାମର୍ଶ ନେଉଛନ୍ତି । ଏବେ ସମସ୍ତେ ଭଲ ଲୋକଙ୍କୁ ପଚାରୁଛନ୍ତି —"କ'ଣ ଆମେ କରିବା ?"

ଭଲ ଲୋକମାନଙ୍କର ମତ—ଈଶ୍ୱର ସବୁ ନିୟନ୍ତ୍ରିତ କରନ୍ତି । ବର୍ଷା ହେବା ନ ହେବା ତାଙ୍କରି ଇଚ୍ଛା । ଆମର କିଛି ତ୍ରୁଟି ଅଛି । ସେଥିପାଇଁ ଆଲ୍ଲା ବର୍ଷା କରାଉନାହାନ୍ତି । ଆମେ ସମସ୍ତେ ପ୍ରାର୍ଥନା କଲେ ଓ ତାଙ୍କ ବର୍ଷା ଦେବାପାଇଁ ନିବେଦନ କଲେ, ବର୍ଷା ହେବ ।

ଏ ବିପଦରେ, ଏ ପ୍ରକାର ପ୍ରସ୍ତାବର ବିରୁଦ୍ଧରେ ଯିବାର ସାହସ କାହାର ନଥିଲା । ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟ ହେଲା । ମୋସୁଲର ସବୁଠାରୁ ବଡ଼ ମସ୍‌ଜିଦ୍‌ରେ ପ୍ରତି ଶୁକ୍ରବାର ଦିନ ପ୍ରାର୍ଥନା ଚାଲିଲା । କିନ୍ତୁ ସବୁ ନିଷ୍ଫଳ । ବୃଥା । ବର୍ଷା ହେଲାନାହିଁ ।

ମୁସଲମାନମାନେ ଅନୁଭବ କଲେ—ତାଙ୍କର ପ୍ରାର୍ଥନା କିଛି କାମ ଦେଉନାହିଁ । ସେଥିପାଇଁ ତାଙ୍କର ମୌଲବୀମାନଙ୍କର ପୁଣି ସଭା ହେଲା । ସଭାରେ ସ୍ଥିର ହେଲା—ଏ ସହରରେ ଆମେ ତ କେବଳ ରହୁନାହୁଁ । ଇହୁଦୀମାନେ ବି ରହୁଛନ୍ତି । ସେମାନେ

ମଧ୍ୟ ବର୍ଷା ପାଇଁ ପ୍ରାର୍ଥନା କରିବା ଉଚିତ । ସେଥିପାଇଁ ମୌଲବୀ-ମାନେ ଇହୁଦୀ ଧର୍ମଯାଜକ ରାବବୀମାନଙ୍କୁ ପ୍ରବର୍ତ୍ତାଇବେ ।

ତାହାହିଁ ହେଲା । ମୁସଲମାନମାନେ ସେମାନଙ୍କ ପଡ଼ୋଶୀ ଇହୁଦୀଙ୍କୁ କହିଲେ —"ଭାଇ ଦୁର୍ଭିକ୍ଷ ମାଡ଼ି ଆସୁଛି । ଏଇ ଦୁର୍ଭିକ୍ଷ ଆସିଲେ, ଆମ ଭିତରେ ଇହୁଦୀ ଓ ମୁସଲମାନର ବାଛ ବିଚାର ରହିବ ନାହିଁ । ସମସ୍ତେ ମରିଯିବା । ବଞ୍ଚିବାକୁ ହେଲେ, ଆମକୁ ଈଶ୍ୱରଙ୍କର ଆଶ୍ରୟ ନେବାକୁ ହେବ । ଆମେ ସମସ୍ତେ ଈଶ୍ୱରଙ୍କର ସନ୍ତାନ । ଆଉ, ଆମ ଭିତରେ ଯେତେ ଭେଦଭାବ ଅଛି, ସବୁ ଭୁଲି-ଯିବା । ବର୍ଷା ପାଇଁ ପ୍ରାର୍ଥନା କରିବା । ଆମେ ତ ଆଗରୁ ସମବେତ ପ୍ରାର୍ଥନା କରିଛୁ । ଈଶ୍ୱର ଆମ ପ୍ରାର୍ଥନା ଶୁଣିଲେ ନାହିଁ । ତୁମେ-ମାନେ ଏଥର ସମୁହ ପ୍ରାର୍ଥନା କର । ଈଶ୍ୱର ସନ୍ତୁଷ୍ଟ ହେଲେ ବର୍ଷା ହେବ ।"

ମୁସଲମାନମାନଙ୍କ କଥା ଇହୁଦୀମାନେ ନଶୁଣିବାର ବାଟ ନଥିଲା । ଦୁର୍ଭିକ୍ଷ ଯୋଗୁ ସେମାନେ ବି ଚିନ୍ତିତ । କିନ୍ତୁ ସମବେତ ଭାବରେ ଈଶ୍ୱରଙ୍କୁ ବର୍ଷାପାଇଁ ପ୍ରାର୍ଥନାକଥା ସେମାନେ ଭାବିନଥିଲେ ।

ଶନିବାର ଇହୁଦୀମାନଙ୍କର ପବିତ୍ର ଦିବସ । ସହରରେ ରହୁଥିବା ସବୁ ଇହୁଦୀମାନେ ସେଦିନ ଏକଜୁଟ ହେଲେ । ତାଙ୍କର ପୂର୍ବପୁରୁଷମାନଙ୍କ କବର ପାଖକୁ ଯାଇ ବଡ଼ ପାଟିରେ ସେଠି ସମସ୍ତେ ପ୍ରାର୍ଥନା କଲେ । କି କାତର ସେ ପ୍ରାର୍ଥନା ! କି ହୃଦୟ-ସ୍ପର୍ଶୀ ତାଙ୍କର ନିବେଦନ ! ସେମାନେ ସମସ୍ତେ କାନ୍ଦୁଥିଲେ । ଆଖିରୁ ତାଙ୍କର ଧାର୍ ଧାର୍ ହୋଇ ଲୁହ ବୋହିଯାଉଥିଲା ।

ସେମାନେ କାନ୍ଦି କାନ୍ଦି କହୁଥିଲେ "ହେ ଦୟାମୟ ଈଶ୍ୱର ! ଆମେ ତୁମର ସନ୍ତାନ । ଆମକୁ ତୁମେ ରକ୍ଷାକର । ବର୍ଷା ଆଣି ଏ ଧରଣୀ ଦିଅ । ନହେଲେ, ଆମେ ଆମ ପିଲାଛୁଆ ସହିତ ଓ ଆମ

ପଡ଼ୋଶୀ ମୁସଲମାନ ତାଙ୍କ ପିଲାଛୁଆ ସମସ୍ତ ମରିଯିବେ । ପ୍ରଭୁ ଆମକୁ ରକ୍ଷାକର ।”

ସେମାନଙ୍କର କାତର ପ୍ରାର୍ଥନା କରୁଣାମୟ ଈଶ୍ୱରଙ୍କର ହୃଦୟ ତରଳାଇଦେଲା । ଘୁଡ଼ୁଁ ଘୁଡ଼ୁଁ ଆକାଶ ବାଦଲରେ ପୁରି ହୋଇଗଲା । ତା'ପରେ ମାଡ଼ିଆସିଲା ବର୍ଷା ।

ମୁସଲମାନମାନେ ଏ ଦୃଶ୍ୟ ଦେଖି ଚକିତ । ବର୍ଷା ଆସିବାରୁ ସେମାନେ ଆନନ୍ଦରେ ଉନ୍ମତ୍ତ । ଭେଦ ଭାବ, କଳହକନ୍ଦଳ ସବୁ ଯେମିତି ସେମାନେ ପାଶୋରିଦେଲେ । ପାଗଳ ପରି ସେମାନେ ଧାଇଁଲେ—ଇନ୍ଦୁଘାମାନଙ୍କର ପୂର୍ବପୁରୁଷଙ୍କ କବରଖାନା ପାଖକୁ । ସେଠି ଇନ୍ଦୁଘାମାନେ ଥିଲେ । ସେମାନେ ମୁସଲମାନଙ୍କୁ ଦେଖି ଖୁବ୍ ଖୁସି ହେଲେ । ଉଭୟେ କୁଣ୍ଢାକୁଣ୍ଢି ହେଲେ । ମୁସଲମାନମାନେ ଇନ୍ଦୁଘାମାନଙ୍କୁ କାନ୍ଧରେ ବସାଇଲେ । ତା'ପରେ ଆନନ୍ଦରେ ଗୀତ ଗାଇ ଗାଇ ଘରକୁ ଫେରିଲେ । ବିପଦରେ ପଡ଼ିଲେ ଭ୍ରାତୃଭାବ ଆସେ । ସେ ଭ୍ରାତୃଭାବ ଚିରସ୍ଥାୟୀ ହୁଏ ।

ସେ ତ କେଉଁ କାଳର କଥା । ସେ କଥା ଏପର୍ଯ୍ୟନ୍ତ ଲୋପ ପାଇ ନାହିଁ । ସେଇଦିନୁ ଇନ୍ଦୁଘା ଓ ମୁସଲମାନମାନଙ୍କର ଅଭେଦ ପ୍ରୀତି । ଉଭୟେ ସୁଖଶାନ୍ତିରେ, ଭାଇ ଭାଇ ଭଳି ଚଳି ଆସୁଛନ୍ତି । ସେଠି ପୂର୍ଣ୍ଣ ଶାନ୍ତି ବିରାଜୁଛି ।

(ବିପଦରେ ପଡ଼ିଲେ ଭ୍ରାତୃଭାବ ଆସେ ଏବଂ ଏହା ଚିରସ୍ଥାୟୀ)



ପ୍ରାର୍ଥନା

ଗୋଟିଏ ସହର । ତା'ର ବାସିନ୍ଦାମାନେ ଧର୍ମପରାୟଣ । ସେମାନଙ୍କର ଈଶ୍ୱରଙ୍କ ଉପରେ ଅଗାଧ ଆଉ ଅଟଳ ବିଶ୍ୱାସ । ପ୍ରତି କଥାରେ ସେମାନେ ଭଗବାନଙ୍କ ଉପରେ ନିର୍ଭରଶୀଳ । ଏମିତିକି ଯେଉଁ ଦିନର ଯାହା ରୋଜଗାର ସେମାନଙ୍କର ହୁଏ, ତାହା ସେମାନେ ସେଇଦିନ ଖର୍ଚ୍ଚ କରିଦିଅନ୍ତି । ପରଦିନକୁ କିଛି ରଖନ୍ତି ନାହିଁ । ସେମାନଙ୍କ ମତରେ ଭଗବାନ ଆଜି ପାଇଁ ଯାହା ଦେଇଛନ୍ତି, ଆଜି ତାକୁ ହିଁ ଶେଷ କରିବାକୁ ହେବ । କାଲିକୁ ତ ସେ ପୁଣି ବ୍ୟବସ୍ଥା କରିବେ । ସେଥିପାଇଁ ଆଜିଠାରୁ ଖେଣ୍ଟେ କାଲିକୁ ରଖିବା ଅନ୍ୟାୟ । ଭଗବାନଙ୍କର ବିରୁଦ୍ଧାଚରଣ । ଫଳରେ ସେ ସହରରେ ସମସ୍ତେ ସୁଖରେ ଥିଲେ । ସବୁଠି ଶାନ୍ତି ବିରାଜମାନ କରୁଥିଲା । କାହାରି କିଛି ଅସୁବିଧା ହେଉନଥିଲା । କିନ୍ତୁ ତାଙ୍କ ଭିତରେ କେହି ଧନୀଲୋକ ନଥିଲେ ।

ସେହି ସହରର ବାସିନ୍ଦା ମଧ୍ୟରୁ ଜଣକର ନାମ ମେୟୁର । ସେ ଜଗୁଆଳି କାମ କରେ । ତା କାମ ସେ ନିପୁଣଭାବରେ ତୁଲାଏ । ତା'ର ମାଲିକ ମତରେ ସେ କର୍ମଠ । ନିଷ୍ଠାପର । ସଚ୍ଚୋଟ । ମାଲିକ ତା କାମରେ ସନ୍ତୁଷ୍ଟ ।

ମେୟୁର ବିବାହିତ । ଘରେ ତା' ସ୍ତ୍ରୀ । ସେମାନେ ନିଃସନ୍ତାନ ।

ସହରର ସବୁଲୋକଙ୍କ ଠାରୁ ମେୟୁରର ସ୍ତ୍ରୀ ଭିନ୍ନ । ବ୍ୟତିକ୍ରମ । ସେ ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ନୁହେଁ । ସବୁବେଳେ ସେ ତା'ର ସ୍ୱାମୀକୁ କହେ—"ଆମର ତ ପିଲାଛୁଆ ନାହାନ୍ତି । ତେଣୁ ବୁଢ଼ା ଦିନେ ଆମର ତତ୍ତ୍ୱ କେହି ନେବେ ନାହିଁ । ଆମକୁ କିଛି ସଞ୍ଚୟ କରିବାକୁ ହେବ । ଏଇ ସଞ୍ଚିତ ଧନ ଆମକୁ ଆମର ବୁଢ଼ା ଦିନେ ସାହାଯ୍ୟ କରିବ ।"

ମେଯୁର କିନ୍ତୁ ସ୍ତ୍ରୀ କଥାରେ ରାଜି ହୋଇପାରେ ନାହିଁ । ବରଂ ସେ କହେ—"ଈଶ୍ୱର ଏ ବିଶ୍ୱର ପାଳନକର୍ତ୍ତା । ଆମେ ତାଙ୍କ ଉପରେ ନିର୍ଭର କଲେ, ସେ ଆମକୁ କେବେହେଲେ ବିପଦରେ ପକାଇବେ ନାହିଁ ।"

ସ୍ତ୍ରୀ କିନ୍ତୁ ତା କଥାରେ ରାଜି ହୋଇପାରେନାହିଁ । ସେମାନେ କିଛି କିଛି ସଞ୍ଚୟକରିବାକୁ ତାର ଜିଦ୍ । ସେଥିପାଇଁ ସେ ମେଯୁରକୁ ବାଧ କରେ । ସେତେବେଳେ ମେଯୁର ଆଖିବୁଜି ଭଗବାନଙ୍କୁ ଡାକେ ।

ସ୍ତ୍ରୀ ତା'ର କି ତାକୁ ଛାଡେ଼ । ବାରମ୍ବାର ବୁଢ଼ା ଦିନର ଅସହାୟ ଅବସ୍ଥାକୁ ସେ ଦେଖାଇଦିଏ । ମଣିଷ ମନ ତ ! ବେଳେ ବେଳେ ମେଯୁରର ମନ ସଂକୁଚିତ ହୋଇଆସେ । ସେ ଅସହାୟ ବୋଧ କରେ । ଶାନ୍ତି ପାଇବାକୁ ଭଗବାନଙ୍କୁ ଡାକେ । ଏଇ ଖରାପ କଥା ତା ମନକୁ କି ଆସୁ, ସେଥିପାଇଁ ସେ ପ୍ରାର୍ଥନା କରେ ।

ଈଶ୍ୱର ସର୍ବଶକ୍ତିମାନ । ମଙ୍ଗଳମୟ । ସମସ୍ତଙ୍କର ଠିକ ନକ୍ଷି ଗନ୍ତିବିଧି ତାଙ୍କୁ ଅଛପା ନୁହେଁ । ମେଯୁର ମନରେ ଆସୁଥିବା ଦ୍ୱନ୍ଦ୍ୱ ଭଗବାନ ଜାଣିପାରିଲେ । ସେ ଯମରାଜାଙ୍କୁ ଡ଼ାକି କହିଲେ "ଏଇ ସହରରେ, ସମସ୍ତ ଗୃହକର୍ତ୍ତାଙ୍କର ମୋ ଉପରେ ଅଟଳ ବିଶ୍ୱାସ । ମେଯୁର ତାର ବ୍ୟତିକ୍ରମ ହେବାକୁ ଯାଉଛି । କାଳକ୍ରମେ ସନ୍ଦେହ ତାକୁ ଗ୍ରାସ କରିବ । ଅନ୍ୟମାନେ ତା ଚିନ୍ତାଧାରାରେ ସଂକ୍ରାମିତ ହେବେ । ଏକଥା ମୁଁ କରାଇଦେବାକୁ ଚାହେଁ ନାହିଁ । ତୁମେ ଯାଅ ମେଯୁରର ସନ୍ଦେହ ଦୃଢ଼ୀଭୂତ ହେବା ପୂର୍ବରୁ ତାକୁ ନେଇ ଆସ ।"

ଯମରାଜା ଈଶ୍ୱରଙ୍କ କଥା ମାନିଲେ । ନିଜେ ଜଣେ ମୂଲିଆ ବେଶରେ ମେଯୁର ଘରେ ପହଞ୍ଚିଲେ । ସାଥିରେ ତାଙ୍କର ଦୁଇଟି ବସ୍ତା ଅଛି । ସେତେବେଳକୁ ମେଯୁର ଘରେ ଅନୁପସ୍ଥିତ । କାମକୁ ଯାଇଥିଲା । ଫେରି ନାହିଁ । ଯମରାଜା ମେଯୁରକୁ ଅପେକ୍ଷା କଲେ ।

ମେଘୁର ଫେରିବାରୁ ଯମରାଜା ତାଙ୍କୁ କହିଲେ—"ଜଣେ ଧନୀ ଲୋକ ମୋତେ ଏ ଦୁଇ ବସ୍ତା ଅଟା ଦେଇଛନ୍ତି । ଏହା ଏଇ ସହରର ଲୋକଙ୍କ ମଧ୍ୟରେ ବଣ୍ଟାଯିବ । ତୁମେ ଏତକ ନିଅ । ଲୋକଙ୍କ ମଧ୍ୟରେ ବାଣ୍ଟିଦିଅ । କିନ୍ତୁ ଏ ଅଟାରୁ ତୁମେ ଯେମିତି କିଛି ତମ ପାଇଁ ରଖିବ ନାହିଁ ।"

ମେଘୁର କିଛି ଆପତ୍ତି କଲା ନାହିଁ । ଅଟା ବାଣ୍ଟିବାକୁ ବାହାରିଗଲା । ଘରକୁ ଘର ବୁଲିଲା । ସମସ୍ତଙ୍କୁ ଅଟା ଯାଚିଲା । କିନ୍ତୁ ଆଶ୍ଚର୍ଯ୍ୟ । ଜଣେ ହେଲେ କେହି ଲୋକ ତା'ଠାରୁ ଅଟା ଗ୍ରହଣ କଲେନାହିଁ । ବରଂ ସେମାନେ ତାକୁ କହିଲେ—"ଆଜି ପାଇଁ ଆମର ଯାହା ଅଟା ଦରକାର, ଆମେ ନେଇ ଆସିଛୁ । କାଲିପାଇଁ ଆମେ ଭଗବାନଙ୍କ ଉପରେ ନିର୍ଭରଶୀଳ । ସେ ଅଟା ଯୋଗାଇ ଦେବେ । ଆମେ ଏ ଅଟା ନେଇ କ'ଣ କରିବୁ ?"

ପୂରା ସହରଟା ଯାକ ବୁଲି ବୁଲି ମେଘୁର କ୍ଳାନ୍ତ । ଶେଷକୁ ସେ ଘରକୁ ଫେରିଲା । ଅଟା ଦୁଇବସ୍ତା ଯେଉଁ ଅବସ୍ଥାରେ ନେଇଥିଲା, ସେଇ ଅବସ୍ଥାରେ ସେ ଫେରାଇଦେଲା । ଲୋକମାନେ ଯାହା କହିଥିଲେ, ସେଇ କଥା ସେ ଯମରାଜାଙ୍କୁ କହିଲା ।

ଯମରାଜା କହିଲେ—"ସାରା ସହରର ଲୋକଙ୍କର ଇଶ୍ୱରଙ୍କ ଉପରେ ବିଶ୍ୱାସ ଅଛି । ଯେତେବେଳେ ତୁମେ ଅଟା ବାଣ୍ଟିବ ପାଇଁ ନେଲ, ସେଥିରୁ ଜଣାଗଲା ଯେ ତୁମର ଇଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ ନାହିଁ । ମୁଁ ଯମରାଜା । ତମ ମନରେ ସନ୍ଦେହ ହେଉ-ଥିବାରୁ ମୁଁ ତମର ଆତ୍ମାକୁ ନେବାକୁ ଆସିଛି ।"

ଏକଥା ଶୁଣି ମେଘୁର ଖୁବ୍ ଡରିଗଲା । ତା'ର ଦୋଷ କଥା ସେ ସ୍ୱୀକାର କଲା । ଯମରାଜାଙ୍କୁ କହିଲା—"ମୋର ପାପ ପାଇଁ ଇଶ୍ୱରଙ୍କ ପାଖରେ ମୋର ପ୍ରାର୍ଥନା କରିବା ଦରକାର । ମୋର

ପ୍ରାର୍ଥନା ଯେମିତି ସରିବ, ସେମିତି ତୁମେ ମୋର ଆତ୍ମାକୁ ନେଇ-
ଯିବ । ସେ ପର୍ଯ୍ୟନ୍ତ ମୋତେ ସମୟ ଦିଅ ।"

ଯମରାଜାଙ୍କର ଏଥିରେ ଆପତ୍ତି କରିବାର କିଛି ନଥିଲା ।
ତେଣୁ ସେ ରାଜି ହୋଇଗଲେ । ନିଜର ବାହାଦୁରି ଦେଖାଇବା
ପାଇଁ କହିଲେ "ତୁ ପ୍ରାର୍ଥନା ଶେଷ ନକଲେ, ମୁଁ ତୋର ଆତ୍ମାକୁ
ନମା ନେବି ନାହିଁ ।"

ମେଘୁର ପ୍ରାର୍ଥନା ଆରମ୍ଭ କଲା । ସେ ମନେ ମନେ ଭାବିଲା –
ପ୍ରାର୍ଥନା ଶେଷ କଲେ ଯିନା ଯମରାଜା ମୋ ଆତ୍ମାକୁ ନେବେ । ଏହା
ତାଙ୍କର ସ୍ୱୀକୃତ । ମୁଁ ଯଦି ପ୍ରାର୍ଥନା ଶେଷ ନକରେ, ସେ ମୋର
ଆତ୍ମାକୁ ନେଇପାରିବେ ନାହିଁ । ତେଣୁ ସେ ପ୍ରାର୍ଥନା ଆରମ୍ଭକଲେ ।
କେବେହେଲେ ଶେଷ କରେନାହିଁ ।

ଯମଦେବଙ୍କ ମହା ଅଡୁଆରେ ପଡ଼ିଗଲେ । ସେ ତ କଥ
ଦେଇଛନ୍ତି ଯେ ମେଘୁର ପ୍ରାର୍ଥନା ଶେଷ କଲେ, କେବଳ ତା'ର
ଆତ୍ମାକୁ ନେବେ । ତାଙ୍କ କଥାକୁ ସେ ପରିବର୍ତ୍ତନ କରିପାରିବେ
ନାହିଁ । ତେଣୁ ସେ ସେଠୁ ଲୁଚିଗଲେ ।

ମେଘୁର ସମସ୍ତ କଥା ତା ସ୍ତ୍ରୀ ଆଗରେ କହିଲା । ସବୁ କଥା
ଶୁଣିସାରି ସ୍ତ୍ରୀ ତା'ର କହିଲା –"ଏଠି ଥିଲେ ଯିନା ଯମରାଜା
ଆସି ତମ ଆତ୍ମାକୁ ନେଇଯିବେ । ଲୁଚି ପଳେଇବା । ଅନ୍ୟ ଗୋଟିଏ
ସହରରେ ରହିବା । ଯମଦେବତା ଜାଣିପାରିବେ ନାହିଁ । ତେଣୁ
ତମ ଆତ୍ମାକୁ ତାଙ୍କର ନେବାର ପ୍ରଶ୍ନ ଉଠିବ ନାହିଁ ।"

କଥଟା ମେଘୁର ମନକୁ ପାଇଲା । ସେମାନେ ଯାଇଆକଲେ ।

କିଛିଦିନ ପରେ ମେଘୁର ଯେଉଁ ସହରରେ ରହୁଥିଲେ, ଜଣେ
ଧନୀଲୋକ ଘରରେ ଯମରାଜା ଯେଠି ପହଞ୍ଚିଗଲେ । ନଗରର
ଦ୍ୱାରପାଳ ଠାରୁ ମେଘୁରର ଠିକଣା ବୁଝିଲେ । ଦ୍ୱାରପାଳଟି ଧନୀ-

ଲୋକର ମେୟୁର ପାଖକୁ ଆସିବାର ଉଦ୍ଦେଶ୍ୟ କ'ଣ, ତାହା ଜାଣିବାକୁ ଚାହିଁଲା । ଧନୀଲୋକଟି କହିଲେ—"ମୁଁ ଜଣେ ଇହୁଦୀ । ମେୟୁର ଜଣେ ଇହୁଦୀ । ମୋର ସେ ବହୁଦିନର ପରିଚିତ । ମୁଁ ତା'ର ଅତିଥି ହୋଇ କିଛିଦିନ କଟାଇବାକୁ ଆସିଛି ।"

ଦ୍ୱାରପାଳ କହିଲା—"ମହାଶୟ, ମେୟୁର ଜଣେ ଗରିବ ଲୋକ । ନିଜ ଖାଦ୍ୟ ସଂଗ୍ରହ କରିବାକୁ ତାକୁ କଷ୍ଟହୁଏ । ଆପଣଙ୍କ ଭଳି ଧନୀ ସମ୍ଭ୍ରାନ୍ତ ଲୋକଙ୍କୁ ଚଳାଇବା ତା ପକ୍ଷେ ମୁସ୍କିଲ ହେବ । ଏ ସହରରେ ବହୁ ଧନୀ ଇହୁଦୀ ଅଛନ୍ତି । ଆପଣ ରାଜି ହେଲେ, ସେମାନଙ୍କ ଘରେ ଆପଣଙ୍କୁ ଅତିଥି ମୁଁ କରାଇଦେବି ।"

ଧନୀଲୋକ କହିଲେ—"ମୁଁ ଯେତେବେଳେ ମେୟୁରର ଅତିଥି ହେବି ବୋଲି ସିଦ୍ଧାନ୍ତ ନେଇଛି, ମୋର ଅନ୍ୟ କେଉଁଠି ରହିବାର ପ୍ରଶ୍ନ ଉଠୁନାହିଁ । ମୋତେ ତା'ର ଠିକଣା ଦିଅ ।"

ଠିକଣା ନେଇ, ମେୟୁରଙ୍କ ଘରେ ଧନୀ ଲୋକଟି ପହଞ୍ଚି-ଗଲେ । ନୂତନ ଅତିଥିଙ୍କୁ ଦେଖି ମେୟୁର ସମ୍ପତ୍ତିହୀନ ଖୁବ୍ ଖୁସି । କିଛିଦିନ ଗଡ଼ିଗଲା । ମେୟୁର ସ୍ତ୍ରୀ ଦେଖିଲା ଯେ ଅତିଥି ଆସିବା-ଦିନୁ ତାଙ୍କୁ କିଛି ଖର୍ଚ୍ଚ କରିବାକୁ ପଡ଼ୁନାହିଁ । ଅତିଥି ସବୁ ଚଳାଇ ନେଉଛନ୍ତି । ସେଥିଯୋଗୁ ସେମାନଙ୍କର ଆଜି ଆନନ୍ଦର ସୀମା ନାହିଁ ।

ମେୟୁର ପ୍ରତିଦିନ ପ୍ରାର୍ଥନା କରେ । ଧନୀଲୋକ ମେୟୁରର ପ୍ରାର୍ଥନା କାନ ଦେଇ ଶୁଣନ୍ତି । କିନ୍ତୁ ମେୟୁର ପ୍ରାର୍ଥନାକୁ ଶେଷ କରେ ନାହିଁ । ପ୍ରାର୍ଥନାକୁ ସେ ସବୁଦିନ ଖଣ୍ଡିଆ କରି ରଖେ ।

ଧନୀଲୋକ ଘାରି ଅସୁଲିଆ । ନ ଉଠାଇଲେ ସେ ଉଠନ୍ତି ନାହିଁ । ତେଣୁ ପ୍ରତିଦିନ ମେୟୁର ସ୍ତ୍ରୀ ଧନୀଲୋକ ଶୋଇବା ଘରେ ପଶେ । ତାଙ୍କୁ ଉଠାଏ ।

ବାନକର କଥା । ମେୟୁର ସ୍ତ୍ରୀ ଧନୀଲୋକର ଶୋଇବା ଘରେ ପଶି ଦେଖିଲେ ତ ଧନୀଲୋକ ଛଟପଟ ହେଉଛନ୍ତି ସତେକି ତାଙ୍କର ପ୍ରାଣ ଛାଡ଼ିବାକୁ ଅଳ୍ପ ସମୟ ବାକି । ସେ ଧାଇଁଯାଇ ତା'ର ସ୍ୱାମୀକୁ ଡ଼ାକି ଆଣିଲା । ତାକୁ ସେ କହିଲା—"ପ୍ରାର୍ଥନା ବଡ଼ ପାଟିରେ ଗାଅ । ଧନୀଲୋକଟି ଏଇନେ ମରିଯିବ । ତାକୁ ଆମେ ଗୁପ୍ତରେ କବର ଦେଇଦେବା । ତା ପାଖେ ତ ବହୁତ ଧନ ଅଛି । ସେସବୁ ଆମର ହୋଇଯିବ ।"

ମେୟୁର ପ୍ରଥମେ ପ୍ରଥମେ ତା ସ୍ତ୍ରୀ କଥାରେ ରାଜି ହେଉ ନଥିଲା । କିନ୍ତୁ ସ୍ତ୍ରୀ କ'ଣ ତାକୁ ଛାଡ଼େ ? ସେ ତାକୁ ତ ମିଳିତହୋଇ ତାକୁ ଅନୁରୋଧ କଲା । ଶେଷକୁ କାନ୍ଦିଲା । ବାରମ୍ବାର ଧନୀଲୋକର ଧନ ତାଙ୍କର ହୋଇଯିବ ବୋଲି ଶୁଣି ଶୁଣି ମେୟୁରର ଲୋଭ ହେଲା । ଲୋଭ ଗ୍ରାସ କରିବାରୁ ସେ ପ୍ରାର୍ଥନା ଶେଷ କଲେ ଯେ ମରିଯିବ, ସେ କଥା ଭୁଲିଗଲା । ତା'ପରେ ସେ ଧନୀଲୋକର ବିଛଣା ପାଖରେ ବସିପଡ଼ିଲା । ଇହୁଦୀମାନଙ୍କର ପ୍ରିୟତମ ପ୍ରାର୍ଥନା 'ଓଃ ଇସ୍ରାଇଲ୍' ସେ ବଡ଼ ପାଟିରେ ଗାଇବାକୁ ଆରମ୍ଭ କଲା । ପ୍ରାର୍ଥନା ଯେମିତି ଶେଷ ହୋଇଛି, ଯମଦେବତା ବିଛଣାରୁ ଡେଇଁ-ପଡ଼ିଲେ । ମେୟୁରର ଆତ୍ମାକୁ ଧରି ନେଲେ । ମୁହୂର୍ତ୍ତକ ମଧ୍ୟରେ ମେୟୁରର ଶବ ସେଠି ପଡ଼ିରହିଲା ।

(ଲୋଭ ମୋହ ଭୟଙ୍କର । ଥରେ ତାହା ଗ୍ରାସିଲେ, ମଣିଷ ନ୍ୟାୟ ଅନ୍ୟାୟ ଭୁଲିଯାଏ ।)



ଗୁପ୍ତ ସାଧୁ

ବିବାହର ବିଶବର୍ଷ ହୋଇଗଲା । ତଥାପି ପିଲାଛୁଆ କେହି ନାହାନ୍ତି । ସେଥିପାଇଁ ସ୍ୱାମୀ ସ୍ତ୍ରୀ ଉଭୟଙ୍କର ମନ କଷ୍ଟ ।

ପୁରୁଷ ଭାଗ୍ୟବାଦୀ । ଭଗବାନଙ୍କ ଉପରେ ତାର ସମ୍ପୂର୍ଣ୍ଣ ନିର୍ଭର । ସେ ଭାବେ—ଭାଗ୍ୟ କେହି ବଦଳାଇ ପାରିବେ ନାହିଁ । ମନ କଷ୍ଟ କରି ଲାଭ ନାହିଁ । ସ୍ତ୍ରୀକୁ ତାର ସେ ସାନ୍ତ୍ୱନା ଦିଏ ।

ସ୍ତ୍ରୀ କିନ୍ତୁ ସ୍ୱାମୀଠାରୁ ଭିନ୍ନ । ସେ ଭାଗ୍ୟବାଦୀ ନୁହଁ । ଭାଗ୍ୟ ସାଥିରେ ଲଢ଼ିବାକୁ ସେ ପ୍ରସ୍ତୁତ । ତା ମତରେ ମଣିଷ ଯାହା ଚାହିଁବ, ତାହା ହାସଲ କରିପାରିବ । ସେଥିପାଇଁ ତାକୁ ବହୁତ କଷ୍ଟ ଭୋଗିବାକୁ ହେବ ।

ସେ କହେ—"ପିଲା ନହେଲେ ସଞ୍ଚିତ ଅର୍ଥ ମୂଲ୍ୟହୀନ । ଘର ସଂସାର ନର୍କ ।"

ପିଲା ହେବାପାଇଁ ସେ ବହୁତ ଉଦ୍ୟମ କଲା । ଏପରି ଡାକ୍ତର ନାହିଁ, ଯାହା ସାଥିରେ ସେ ପରାମର୍ଶ କରି ନାହିଁ । ସାଧୁଙ୍କ ଦ୍ୱାର ସେ ପରୀକ୍ଷିତ । ସାଧୁଙ୍କ ଉପଦେଶ ସେ ଅକ୍ଷରେ ଅକ୍ଷରେ ପାଳନ୍ତି । ତଥାପି ଫଳ କିଛି ହେଲା ନାହିଁ । ସେଥିପାଇଁ ସେ ଦୁଃଖିତ ନୁହଁ । ସେ ଆଶାବାଦୀ । ଆଶା ତା'ର ବସ୍ତୁତ । ସୀମାହୀନ । ଏବେ ଦାନ ଧର୍ମ ପୁଣ୍ୟରେ ତାର ମନ । ପ୍ରାର୍ଥନାରେ ଘଣ୍ଟା ଘଣ୍ଟା ଧରି ବସେ ।

ସେ ଶୁଣିବାକୁ ପାଇଲା ଯେ ଓ୍ୱାରସରେ ଜଣେ ସାଧୁ ଅଛନ୍ତି । ତାଙ୍କ ଆଶୀର୍ବାଦ ସବୁବେଳେ ସାର୍ଥକ ହୁଏ । ଯେ ସେବା କରିପାରେ, ତାକୁ ଆଶୀର୍ବାଦ ମିଳିଯାଏ ।

ଗୋଲଣ୍ଡରେ ତାର ଘର । ଓ୍ୱାରସ ବହୁତ ବାଟ । ସୁବିଧା ସୁଯୋଗ ଯେତେବେଳେ ନଥିଲା । ତା ମନରେ ମଣିଷର ଅପହଞ୍ଚ କିଛି ନାହିଁ । ସେ ବୁଝିଲେ ସବୁଠି ପହଞ୍ଚିହେବ ।

ତ ରବିତା କ ଅସୁବିଧା ସ୍ତ୍ରୀ ତା'ର ପ୍ରତିବନ୍ଧକ ହେଲ ନାହିଁ । ସେ ଓ୍ୟ ରସରେ ରବ୍ବିଙ୍କ ପାଖରେ ପହଞ୍ଚିଗଲା ।

ମନପ୍ରାଣ ଦେଇ ସେ ରବ୍ବିଙ୍କୁ ସେବାକଲା । ରବ୍ବି କେବଳ ନୁହନ୍ତି, ଆଶ୍ରମର ସମସ୍ତେ ତା'ର ବ୍ୟବହାର ଦେଖି ଆଶ୍ଚର୍ଯ୍ୟ । ତା'ର ସେବା ଦେଖି ବିସ୍ମିତ । ସମସ୍ତେ ତା ଉପରେ ସନ୍ତୁଷ୍ଟ ।

ସେଦିନ ରବ୍ବି ଏକୁଟିଆ ଥାଆନ୍ତି । ସ୍ତ୍ରୀ ଲୋକଟି ତାଙ୍କର ସେବା କରୁଥାଏ । ହଠାତ୍ ସ୍ତ୍ରୀଲୋକଟି କାନ୍ଦି ଉଠିଲା । କ କରୁଣ ସେ କାନ୍ଦ । ରବ୍ବି ବ୍ୟସ୍ତ ହୋଇ ଉଠିଲେ ।

ସ୍ତ୍ରୀ ଲୋକଟି କହିଲା—"ରବ୍ବି ମହାଶୟ । ମୁଁ ବଡ଼ ଦୁଃଖିନୀ । ବିବାହ ଦଶ ବର୍ଷ ବିତିଗଲା । କୋଳରେ ପିଲାଟିଏ ନାହିଁ । କାହା ପାଇଁ ଖଟୁଛି ଓ କାହାପାଇଁ ସଂଚୁଛି, ମୁଁ ଜାଣି ପାରୁ ନାହିଁ । ଆପଣ ଯଦି ଆଶୀର୍ବାଦ ଦେବେ, ମୁଁ ମୁକ୍ତ ହେବି । ମୋର କୋଳରେ ଶିଶୁଟିଏ ହେବ ।"

ରବ୍ବି ତ ସ୍ତ୍ରୀଲୋକର ସେବାରେ ସନ୍ତୁଷ୍ଟ । ତା ପ୍ରତି ତାଙ୍କର ଦରଦ ବହୁତ । ସେ ପଚାରିଲେ—"ମା, ତୁମେ କେଉଁଠୁ ଆସିଛ ?"

ସ୍ତ୍ରୀଲୋକର ଉତ୍ତର ଶୁଣି ରବ୍ବିଙ୍କ ମୁହଁରେ ଟିକଏ ହସ । ସେ କହିଲେ—"ମା, ତମ ଗାଁରେ ଜଣେ ସାଧୁ ଅଛନ୍ତି । ସେ ସିଦ୍ଧ-ପୁରୁଷ । ତମକୁ ଆଶୀର୍ବାଦ ଦେବାକୁ ସେ ହିଁ କେବଳ ସମର୍ଥ । ତୁମେ ତାଙ୍କ ପାଖକୁ ଯାଅ । ଅନୁନୟ କର । ସେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦେବେ । ତର ମନସ୍କାମନା ପୂର୍ଣ୍ଣ ହୋଇଯିବ ।"

ସ୍ତ୍ରୀଲୋକଟି ରବ୍ବିଙ୍କ କଥା ଶୁଣି ଆଶ୍ଚର୍ଯ୍ୟ । ଆଖି ତାର ବିସ୍ଫାରିତ । ସେ କହିଲା—"ରବ୍ବି ମହାଶୟ, ସେଇଟା ମୋ

ଗାଁ । ସେ ଗାଁର ବଗୁଡ ପିନ୍ଧ ମୋର ଘରବାଡ । ସେ ଗାଁରେ ସାଧୁ କେହି ନାହାନ୍ତି । ମୁଁ ଶପଥ କରି କହି ପାରିବ ।"

ରବି ବି କହିଲେ—"ସେ ଗାଁରେ କେହି ପାଣିବାଲା ଅଛନ୍ତି କି ?"

ସ୍ତ୍ରୀ ଲୋକଟିର ଉତ୍ତର ଥିଲା—"ଆଜ୍ଞା ହଁ । ସେଇଟା ଗୋଟେ ଅଧା ପାଗଳ । ତାର ଗୋଟିଏ ବୁଢୀମା ଅଛି । ସେମାନେ ଗୋଟିଏ ଝୁମ୍ପୁଡ଼ି ଘରେ ରହନ୍ତି ।"

ରବି ବି କହିଲେ - "ସେ ପାଗଳ ନୁହଁନ୍ତି । ସେ ମହାପୁରୁଷ । ଅଜ୍ଞାତରେ ସେ ସେଠି ଅଛନ୍ତି । ତୁମେ ସେ ମହାତ୍ମାଙ୍କ ପାଖକୁ ଯିବ । ଆଶୀର୍ବାଦ ତାଙ୍କୁ ଦେବାକୁ କହିବ । ସେ ଆଶୀର୍ବାଦ ନ ଦେବା ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବ ନାହିଁ । ତାଙ୍କ ଆଶୀର୍ବାଦ ଅନ୍ୟଥା ହେବନାହିଁ ।"

ସ୍ତ୍ରୀଲୋକଟି ତାର କାନକୁ ବିଶ୍ୱାସ କରିପାରିଲା ନାହିଁ । ଆଉ ସେ କ'ଣ କହିବାକୁ ଚାହୁଁଥିଲା, କିନ୍ତୁ ସେତେବେଳକୁ ରବି ବି ସେଠାରେ ଆଉ ନଥିଲେ ।

ସେଇଦିନ ରବି ବିଙ୍କ ଆଶ୍ରମ ଛାଡ଼ି ସ୍ତ୍ରୀ ଲୋକ ତା ଗାଁକୁ ବାହାରିଲା । ମନରେ ତାର ଉତ୍କଣ୍ଠା । ବାଟରେ ସେ ବିଶ୍ରାମ ନେଇ ପାରିଲା ନାହିଁ । ସେ ଧାଇଁ ଧାଇଁ ଆସିଲା । ଘରେ ପହଞ୍ଚି ବି ସେ ବିଶ୍ରାମ ନେଲା ନାହିଁ । ପରଦିନ ସକାଳ ପର୍ଯ୍ୟନ୍ତ ଅପେକ୍ଷା କଲା ।

ସକାଳୁ ଉଠି ଧାଇଁଲା ସେ ପାଣିବାଲାର ଝୁମ୍ପୁଡ଼ିକୁ । ସେଠି ପାଣିବାଲା ନ ଥିଲା । କୂଅମୂଳକୁ ପାଣି ପାଇଁ ସେ ଯାଇଥିଲା । ପାଣିବାଲାର ଅଭ୍ୟାସ—ରାତି ଥାଇ ଉଠେ । ପାଣି ଘର ଘର କରି ନାଗୁଆ ଘରେ ପାଣି ଦିଏ ।

ସ୍ତ୍ରୀଲୋକଟି କୂଅମୂଳକୁ ଗଲା । ସେଠି ପାଣିବାଲା ପାଣି ଘରେ ଧରି ଜଣକ ଘରକୁ ବାହାରିଥାଏ । ପାଣିର ଓଜନରେ ସେ ନଇଁ ପଡ଼ୁଥାଏ ।

ତାଙ୍କୁ ଦେଖି ସ୍ତ୍ରୀ ଲୋକ ଖୁବ୍ ଆନନ୍ଦ । ହାତରେ ତା'ର ବୁନ୍ଦ ପଡ଼ିଲେ ଭଳି ତାଙ୍କୁ ଲାଗିଲା । ପାଗଳ ବୋଲି ତାଙ୍କୁ ଦ୍ୱିଧା ଆସିଲା ନାହିଁ । ଦୁମ୍ କରେ ସେ ଘଣ୍ଟା ଉପରେ ବସିପଡ଼ିଲା । ଦୁଇ ହାତରେ ପାଣିବାଲାର ପାଦ ଜାବୋଡ଼ି ଧରିଲା । ସେ ମୁଣ୍ଡକୁ ପାଗଳର ପାଦ ଉପରେ ପିଟି ପିଟି ଅନୁନୟ ବିନୟ ହୋଇ କହୁଥିଲା—"ମୁଁ ହତଭାଗିନୀ । ମୋତେ ଦୟା କରନ୍ତୁ । ମୋର ପୁଅ ହେଉ, ଏଥିପାଇଁ ମୋତେ ଆଶୀର୍ବାଦ ମିଳୁ ।"

ସ୍ତ୍ରୀଲୋକର ଢଙ୍ଗଢ଼ାଙ୍ଗ ଆଉ ତା'ର କଥା ଶୁଣି ପାଣିବାଲା ଥକ୍କାମାରି ଠିଆ ହେଲା । ଟିକଏ ଡରେ ସେ କହିଲା—"ମୁଁ କିଏ ଯେ ତୋତେ ଆଶୀର୍ବାଦ କରିବି । ମୁଁ ତ ପାଗଳ । ପାଣି ବୋହି ପେଟ ପୋଷେ । ମୋତେ ହଇରାଣ କରନା । ମୋତେ ଛାଡ଼ । ମୋର ଡେରି ହେଲେ, ଯାହା ଘରକୁ ପାଣି ନେଉଛି, ସେ ଗାଳି-ଦେବ ।"

ସ୍ତ୍ରୀଲୋକ ପାଣିବାଲା କଥାରେ ଭୁଲିଲା ନାହିଁ । ଜୋର୍‌ରେ ତା'ର ପାଦ ଦୁଇଟିକୁ ସେ ଜାବୋଡ଼ି ଧରିଲା । ତା'ର ମୁଣ୍ଡ ବାରମ୍ବାର ପାଣିବାଲା ପାଦ ତଳେ ପିଟି ପିଟି କହୁଥାଏ— "ମୋତେ କଲ୍ୟାଣ କର । ମୋତେ କଲ୍ୟାଣ କର । ନଇଲେ ମୋ ଜୀବନ ଅପୂର୍ଣ୍ଣ ରହିଯିବ । କଲ୍ୟାଣ ନକଲେ, ମୁଁ ଆପଣଙ୍କ ପାଦ କେବେହେଲେ ଛାଡ଼ିବି ନାହିଁ ।" କି କାନ୍ଦ ତା'ର ! କୋହରେ ଛାତି ତା'ର ସତେ କି ଫାଟିଯିବ ।

ପାଗଳ ସ୍ଥିର । ନିର୍ବିକାର । ଅତି ଧୀରେଧୀରେ ସେ କହିଲା — "ତୁମେ ପାଗଳନୀ କାହିଁକି ହେଉଛ ? ମୋତେ ଛାଡ଼ । ମୁଁ ଯାଏଁ । ମୋତେ ଅପଦସ୍ଥ ଆଉ କରାଅ ନାହିଁ । ମୋତେ କ୍ଷମା କର । ତୁମେ ମୋତେ ଆଉ ଅଟକାଅ ନାହିଁ ।"

ତା କଥାରେ ସ୍ତ୍ରୀଲୋକଟି ଟିକଏ ବି ଚକ୍ଷିଲା ନାହିଁ । ପାଗଳର ପାଦ ଦୁଇଟା ଧରି ଖାଲି ଭଇଁ ଭଇଁ ହୋଇ କାନ୍ଦୁ-ଥାଏ । ବାରମ୍ବାର ତା'ର ତୁଣ୍ଡରୁ ବାହାରୁଥାଏ—"ମୋତେ କଲ୍ୟାଣ କର, ମୋତେ କଲ୍ୟାଣ କର ।" ପାଗଳ ଗମ୍ଭୀର ସ୍ୱରରେ କହିଲା—"ତମର ପିଲା ହେବ । ମୋର ପାଦ ଛାଡ଼ । ମୋତେ ଯିବାକୁ ଦିଅ ।"

ସ୍ତ୍ରୀଲୋକଟି ପାଗଳର ପାଦ ଦୁଇଟି ଛାଡ଼ିଦେଲା । ପାଣିବାଲାଟି ଆଗକୁ ଗଲାବେଳେ କହୁଥାଏ –"ତମର ପିଲା ହେବ·· ତମର ପିଲା ହେବ···"

ତା'ପରେ ପାଣିବାଲାକୁ ଆଉ କେହି ଦେଖିଲେ ନାହିଁ । ଯାହାଙ୍କ ଘରେ ସେ ପାଣିଦିଏ, ସେମାନେ ତାକୁ ଖୋଜିଲେ । ସେମାନେ ତା'ର କୁଡ଼ିଆ ଘର ବା ତା'ର ମା'କୁ ବି ଦେଖିଲେ ନାହିଁ ।

ଲୋକେ କିଛିଦିନ ଧରି ପାଣିବାଲା ବିଷୟରେ ଆଲୋଚନା କଲେ । ସେ କେମିତି କୁଆଡ଼େ ଗଲା, ତାହାହିଁ ଆଲୋଚନାର ବିଷୟ ବସ୍ତୁ ଥିଲା । ତା ପରେ ପରେ କଥାଟା ଲୁଚିଗଲା ।

ଠିକ୍ ବର୍ଷକ ପରେ । ସ୍ତ୍ରୀଲୋକର ଦୁଇଟି ଯାଆଁଳା ପୁଅ ହେଲେ । ବାପ ମା' ଉଭୟେ ଖୁସି । କଥାଟା ଏବେ ପଦାକୁ ଆସିଲା ।

ଏପରି ଜଣେ ସିଦ୍ଧପୁରୁଷ ଏ ଗାଁରେ ଥିଲେ, ସେଥିପାଇଁ ଗାଁ-ଲୋକଙ୍କର ଗର୍ବ ।



ଭାଗ୍ୟଚକ୍ର

ରବ୍ବି ଆବ୍ରାହାମ ଇବନ୍ ଇଜାର ପିଲାଟି ଦିନରୁ ବାପ ମା' ଛେଉଣ୍ଡ । ସଂସାରରେ ସାନଭାଇଟି ଛଡା ତାଙ୍କର ଆଉ କେହି ନଥିଲେ । ସାନଭାଇଟି ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ସେଥିପାଇଁ ଆବ୍ରାହାମ ପିଲାଦିନରୁ ମୂଣ୍ଡର ଝାଳ ତୁଣ୍ଡରେ ମାରି ଦି'ପଇସା ରୋଜଗାର କରୁଥିଲେ । ଏହାସତ୍ତ୍ୱେ କେବେହେଲେ ସେ ତାଙ୍କ ପାଠପଢ଼ାରେ ହେଳା କରିନାହାନ୍ତି । କଠିନ ପରିଶ୍ରମ କରି ଓ ବହୁ କଷ୍ଟ ସହି ଧର୍ମପୀଠରେ ସେ ସମସ୍ତ ଧର୍ମଶାସ୍ତ୍ର ଅଧ୍ୟୟନ କରିଛନ୍ତି । ଫଳରେ ତାଙ୍କ ଧର୍ମପୁରରେ ସେ ଜଣେ ପ୍ରସିଦ୍ଧ ରବ୍ବି ହୋଇପାରିଥିଲେ । ତାଙ୍କର ଜ୍ଞାନ ଅସୀମ । ସେଥିପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରୁଥିଲେ ।

ସବୁବେଳେ ସେ ଅଭାବୀ । ବେଳେବେଳେ ତାଙ୍କ ପାଖରେ ପଇସାଟିଏ ବି ନଥାଏ । ସେଥିପାଇଁ ସେ କେବେହେଲେ ଦୁଃଖ କରନ୍ତି ନାହିଁ । ବରଂ ସେ ଗରିବମାନଙ୍କୁ ସାହାଯ୍ୟ କରନ୍ତି । ବେଳେବେଳେ ତାଙ୍କୁ ଯାହା ମିଳେ, ସେସବୁ ଦାନରେ ତାଙ୍କର ସରିଯାଏ । ଯେଉଁ ଶୂନ ହାତକୁ ସେଇ ଶୂନ ହାତ । ସେଥିରେ ବି ତାଙ୍କୁ ଆନନ୍ଦ ମିଳେ । ଯେତିକି ତାଙ୍କୁ ସମୟ ମିଳେ, ସେଥିରେ ଲୋକମାନଙ୍କୁ ନୀତିବାକ୍ୟ ଶୁଣାନ୍ତି । ଏଥିରେ ତାଙ୍କର ସମୟ କଟିଯାଉଥିଲା । ସେଇ ନୀତି ବାକ୍ୟରେ ସେ ଦାନର ମହିମା ଓ ମାହାତ୍ମ୍ୟ କଥା ବୁଝାଉଥିଲେ । ଖାଲି ସେତିକି ନୁହେଁ, ଯେ ଯାହା ତାଙ୍କୁ ଦେଉଥିଲା, ସେସବୁକୁ ସେ ସାଥି ସାଥି ଗରିବମାନଙ୍କୁ ବାଣ୍ଟି ଦେଉଥିଲେ । ଏଇ ଗୁଣ ଯୋଗୁ ତାଙ୍କର ଦରିଦ୍ର ଅବସ୍ଥାର ପରିବର୍ତ୍ତନ ହେଲାନାହିଁ । ସେଥିଯୋଗୁ ତାଙ୍କର ଦୁଃଖ ନଥିଲା ।

ପିଲାଟି ଦିନରୁ ଭାଗ୍ୟ ତାଙ୍କର ପ୍ରତିକୂଳ । ଥରେ ବି ତା'ର ବ୍ୟତିକ୍ରମ ହୋଇନାହିଁ । ସେ ଯେଉଁ କାମରେ ହାତ ଦିଅନ୍ତି, ତାହା ସଫଳ ତ ହୁଏନାହିଁ, ବରଂ ଓଲଟା ହୁଏ ।

ମୋଟେସ୍ ବେନ୍ ଯଇନ୍‌ମନ୍ ଜଣେ ପ୍ରସିଦ୍ଧ ରବ୍‌ବି । ସେ ରାମବାନ ନାମରେ ଯିହୁଦୀଙ୍କ ପରିଚିତ । ପିଲାଦିନରୁ ସେ ଥିବେ ବି ଆବ୍ରାହାମଙ୍କର ସହପାଠୀ । ଦୁଇଜଣଯାକ ଘନିଷ୍ଠ ବନ୍ଧୁ । ସମ୍ପର୍କ ବି ନିବିଡ଼ । ରାମବାନ ଧନୀ । ଅଭାବ ତାଙ୍କର କିଛି ନଥିଲା । କେବଳ ସେତିକି ନୁହଁ, ସେ ଯେଉଁ କାମରେ ହାତ ଦିଅନ୍ତି, ତାହା ସଫଳ ହୁଏ । ଏ ସବୁ ଆବ୍ରାହାମଙ୍କୁ ଜଣା ତଥାପି ଆବ୍ରାହାମ ଥରେହେଲେ ନିଜର ଦୁଃଖ ରାମବାନଙ୍କୁ କହିନାହାନ୍ତି । କିନ୍ତୁ ରାମବାନ ଆବ୍ରାହାମଙ୍କର ଦାରିଦ୍ର୍ୟ ଓ ଅସୁବିଧା ଖାଲି ଜାଣିନଥିଲେ, ଏଥିପାଇଁ ସଚେତନ ବି ଥିଲେ ।

ଲୋକମାନଙ୍କ ମୁହଁରୁ ଶୁଣାଯାଏ ଯେ, ଆବ୍ରାହାମ ଓ ରାମବାନ ଏକା ସମୟରେ ଜନ୍ମ । କିନ୍ତୁ ଜଣଙ୍କର ଭାଗ୍ୟରେ ଯାହା ଅଛି, ଅନ୍ୟ ଜଣଙ୍କର ଠିକ୍ ତାର ଓଲଟା । ଏଥିପାଇଁ ଲୋକେ ଥଟ୍ଟାରେ କହନ୍ତି—"ରାମବାନର ଜନ୍ମବେଳେ ଭାଗ୍ୟଚକ୍ର ଉପରେ ଥିଲା । ଆବ୍ରାହାମର ଜନ୍ମ ବେଳକୁ ତାହା ତଳକୁ ଆସିଗଲା ।"

ଆବ୍ରାହାମଙ୍କ ନୀତି ଅଦ୍ଭୁତ । ପରଠାରୁ ପଇସା ଦାନ ନେଇ ସେ ଚଳିବାର ପକ୍ଷପାତୀ ନଥିଲେ । ସେଥିପାଇଁ ସେ ବ୍ୟବସାୟ କରୁଥିଲେ । ସେ ଜିନିଷ କିଣି ଆଣି ବିକୁଥିଲେ । ତାଙ୍କର ତ ଭାଗ୍ୟ ଖରାପ । ସେ ଜିନିଷ କିଣିଲା ବେଳକୁ ଜିନିଷର ଦର ଚଢ଼ା ଥାଏ । ବିକିଲା ବେଳକୁ ତାହା ଖସିଆସେ । ବିଚରା ଆବ୍ରାହାମ ! ଲାଭ କ'ଣ କରିବେ ? କ୍ଷତିରେ ପଡ଼ନ୍ତି । କିନ୍ତୁ ରାମବାନ ମଧ୍ୟ ଜିନିଷ କିଣି ଆଣି ବିକୁଥିଲେ । ଯାହା ଲାଭ ହୁଏ, ସେଥିରେ

ସେ ବି ଚାଲନ୍ତି । କିନ୍ତୁ ଆଶ୍ଚର୍ଯ୍ୟ ! ସବୁଥର ତାଙ୍କର କଣିଲାବେଳେ ବର ଯାହା ଥାଏ, ବଜାର ବେଳକୁ ତାହା ବଢ଼ିଯାଏ । ସତେ କି ଷଣ୍ଡ ତାଙ୍କର ଜାତକରେ ନାହିଁ । ଦୁଇ ବନ୍ଧୁ ଏକାଠି ହେଲେ, ସାମବାନ ଆବ୍ରାହାମକୁ ପରାମର୍ଶ ଦିଅନ୍ତି । କି କାମ କଲେ, ଢ଼' ପଇସା ଲାଭ ହେବ, ସେ କଥା ସେ ବୁଝାଇ ଦିଅନ୍ତି । ଆବ୍ରାହାମ ସେସବୁ ଯେ ମାନୁ ନଥିଲେ, ତାହା ନୁହଁ । ସେ ଅକ୍ଷରେ ଅକ୍ଷରେ ତାଙ୍କ କଥା ପାଳୁଥିଲେ । କିନ୍ତୁ ତାଙ୍କର ତ ଭାଗ୍ୟ ଖରାପ । ସେ ସବୁ ତାଙ୍କ ପାଇଁ ନିରର୍ଥକ ଓ ମୂଲ୍ୟହୀନ ଥିଲା ।

ଦିନକୁ ଦିନ ଆବ୍ରାହାମଙ୍କ ଅଭାବ ବଢ଼ିଲା । ସେ କୌଣସି ପ୍ରକାରେ ତାଙ୍କ ଅଭାବ ଓ ଅସୁବିଧା ଦୂର କରିପାରିଲେ ନାହିଁ । ସେ ଖୁବ୍ ଦୁଃଖରେ କାଳ କଟାଉଥାନ୍ତି । ଏକଥା ସାମବାନ ଦେଖିଲେ । ସେ ଆବ୍ରାହାମକୁ ସାହାଯ୍ୟ କରିବାକୁ ଆଗ୍ରହୀ । ସେ ଜାଣନ୍ତି ଆବ୍ରାହାମ ତାଙ୍କ ସାହାଯ୍ୟ ଗ୍ରହଣ କରିବେ ନାହିଁ । ତଥାପି ସେ ଆବ୍ରାହାମକୁ ସାହାଯ୍ୟ କରିବାକୁ ମନସ୍ଥ କଲେ । କିପରି ସାହାଯ୍ୟ କରିବେ, ସେଇଟା ତାଙ୍କର ସମସ୍ୟା ହେଲା । ସେଥିପାଇଁ ସେ ଟଖିର ଭାବେ ଚିନ୍ତା କଲେ !

ସେ ଜାଣନ୍ତି—ଆବ୍ରାହାମ ରାତି ବହୁତ ଥାଇ ଉଠନ୍ତି । ତାଙ୍କ ନିତ୍ୟକର୍ମ ସାରି ସେ ପ୍ରାର୍ଥନା କରିବାକୁ ଯାଆନ୍ତି । ସେତେ-ବେଳକୁ ବି ରାତି ଥାଏ । ସେ ପ୍ରାର୍ଥନା ଘରେ ପହଞ୍ଚିଲା ବେଳକୁ କେହି ବାହାରକୁ ଆସିବା ତ ଦୂରର କଥା, ଚଢ଼ଣା ବି ଗୁଡ଼ି ନଥାନ୍ତି । ଏଇ କଥା ତାଙ୍କ ମନରେ ଉଠିଆସିଛି, ସେ ସ୍ଥିର କଲେ ଯେ କିଛି ମୁଦ୍ରା ସେ ମୁଣ୍ଡିରେ ରଖିବେ । ତାକୁ ଆବ୍ରାହାମ ପ୍ରାର୍ଥନା ଘରକୁ ଯିବା ବାଟରେ ପକାଇଦେବେ । ଆବ୍ରାହାମ ସେତକ ପାଇଲେ ତାଙ୍କ ଅଭାବ ମେଣ୍ଟାଇବାରେ ଅସୁବିଧା ହେବ ନାହିଁ । ଯାହା ସ୍ଥିର କଲେ, ତାହା ହିଁ କଲେ ।

ସେଦିନ ସନ୍ଧ୍ୟାବେଳେ ଆବ୍ରାହାମ ନିଜର ଭାଗ୍ୟ ଓ ଦାରିଦ୍ର୍ୟ ବିଷୟରେ ଚିନ୍ତିତ ଥିଲେ । ମନରେ ତାଙ୍କର ଆସିଲା—ଏ ସଂସାରରେ ବହୁତ ହତଭାଗା ଅଛନ୍ତି । ଏମିତିକି ସେମାନଙ୍କର ଅବସ୍ଥା ତାଙ୍କଠାରୁ ଶୋଚନୀୟ । ତାଙ୍କ ମଧ୍ୟରେ ଅନ୍ଧମାନଙ୍କ କଥା ବିଚାରକୁ ନିଆଯାଉ । ଏବେ ତ ସେମାନେ ଗରିବ । ଭିକ ମାଗି ପେଟ ପୋଷନ୍ତି । ଦ୍ୱିତୀୟରେ ସେମାନେ କିଛି ଦେଖି ପାରନ୍ତି ନାହିଁ । ସେ ଯେ ସେମାନଙ୍କ ଠାରୁ ବେଶ୍ ଭଲରେ ଅଛନ୍ତି, ଏଥିରେ କ'ଣ ସନ୍ଦେହ ଥାଇପାରେ ? ଏହି ଆଶୀର୍ବାଦ ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ । ଆବ୍ରାହାମ ଭାବୁଥାନ୍ତି— ଯଦି ସେ ଅନ୍ଧ ହୋଇଥାନ୍ତେ, ଗୋଟିଏ ଜାଗାରୁ ଅନ୍ୟଜାଗାକୁ ଯିବାରେ ସେ ବହୁତ ଅସୁବିଧା ଭୋଗ କରୁଥାନ୍ତେ । ଚାରିଆଡ଼େ କ'ଣ ଘଟୁଛି, ତାହା ଜାଣିବା ତାଙ୍କ ପକ୍ଷେ ସମ୍ଭବ ହୁଅନ୍ତା ନାହିଁ । ତାଙ୍କର ଯେଉଁ ଆଖି ଅଛି, ତାହା ଭଗବାନଙ୍କର ଦୟା । ସେଥିପାଇଁ ସେ ଭଗବାନଙ୍କ ପାଖରେ କୃତଜ୍ଞ । ସେ ଭାବିଲେ—ଅନ୍ଧମାନଙ୍କର ପ୍ରକୃତରେ କି ଦୁଃଖ, ସେ ନିଜେ ପରୀକ୍ଷା କରି ଦେଖିବେ । କାଲି ସକାଳୁ ସେ ଆଖି ଖୋଲିବେ ନାହିଁ, ଅନ୍ତତଃ ପ୍ରାର୍ଥନା ମନ୍ଦିରରେ ପହଞ୍ଚିବା ପର୍ଯ୍ୟନ୍ତ ।

ପରଦିନ ସକାଳୁ ସେ ଆଖି ନ ଖୋଲି ନିତ୍ୟକର୍ମ ସାରିଲେ । ତା'ପରେ ବାହାରିଲେ ପ୍ରାର୍ଥନା ମନ୍ଦିରକୁ । ଆଖି ବନ୍ଦ କରି ଯିବା ଫଳରେ ବାଟରେ ପଡ଼ିଥିବା ମୁଦ୍ରାଥଳିଟିକୁ ସେ ଦେଖି ପାରିଲେ ନାହିଁ ।

ସେଦିନ ଧନବାନ ଆବ୍ରାହାମଙ୍କଠାରେ କିଛି ପରିବର୍ତ୍ତନ ଦେଖି ପାରିଲେ ନାହିଁ । ତେଣୁ ସେ ପଚାରିଲେ—"ଭାଇ କିପରି ଅଛ ? ଆଜି ସକାଳ କିପରି କଟିଲା ?"

ଆବ୍ରାହାମ କହିଲେ – "ଗତକାଲି ସନ୍ଧ୍ୟାରେ ମୁଁ ବସି ଭାବୁଥିଲି, ମୋର ଆଖି ଅଛି ବୋଲି ମୁଁ ଦେଖିପାରୁଛି । ମନଇଚ୍ଛା ବୁଲିବୁଲି ପାରୁଛି । ମୁଁ ଯଦି ଅନ୍ଧ ହୋଇଥାନ୍ତି, କ'ଣ କରିଥାନ୍ତି । ତାହା ପରୀକ୍ଷା କରିବା ପାଇଁ ମୁଁ ଆଜି ସକାଳେ ଆଖି ବନ୍ଦକରି ପ୍ରାର୍ଥନା ମନ୍ଦିରକୁ ଗଲି । ବାଟରେ ପଡ଼ିଗଲି । ବହୁତ କଷ୍ଟ ଲାଗିଲା । ଏ ତ ମୋର ଜୀବନର ଅନୁଭୂତି । ସେମାନେ ସାରା ଜୀବନ ଯେ କେତେ କଷ୍ଟ ପାଆନ୍ତି, ତା ମୁଁ ଭାବି ସ୍ତବ୍ଧ ହୋଇଗଲି ।"

ରାମବାନ ବର୍ତ୍ତମାନ ବୁଝିଲେ—ଯେ ଯେଉଁ ଭାଗ୍ୟ ନେଇ ଜନ୍ମ, ତାକୁ ଭୋଗିବାକୁ ହେବ । କେହି ତାହା ବଦଳାଇ ପାରିବେ ନାହିଁ ।

ମିଥ୍ୟା ପ୍ରଚାର

ଗୋଟିଏ ରାଜ୍ୟରେ କିଛି ଇହୁଦୀ ଲୋକ ଥିଲେ । ସେଠାକାର ରାଜା ସେମାନଙ୍କୁ ଭଲ ପାଉଥିଲେ । ସେ ରାଜ୍ୟରେ ଅନ୍ୟ ସଂପ୍ରଦାୟର ଲୋକଥିଲେ । ରାଜାଙ୍କର ଇହୁଦୀଙ୍କୁ ଭଲ ପାଇବାଟା ସେମାନଙ୍କ ଆଖିରେ ଗଲାନାହିଁ । ସେମାନେ ଏଥିପାଇଁ ଇହୁଦୀଙ୍କୁ ଈର୍ଷା କଲେ । ରାଜଦ୍ୱାରରେ ଇହୁଦୀଙ୍କୁ କିପରି ଅପଦସ୍ତ ଓ ଅପମାନିତ କରିବେ, ଏଥିପାଇଁ ସେମାନଙ୍କର ମସୁଧା ଖୋଜିଲେ । ଏଥିରେ ମନ୍ତ୍ରୀମାନେ ନିରପେକ୍ଷ ହେଲେନାହିଁ । ବରଂ ଆଗୁଆ ହେଲେ । ରାଜାଙ୍କର ଗୋଟିଏ ବୋଲି ପୁଅ । ସେ ରାଜାଙ୍କ ନୟନର ପିତୁଳା । ତାକୁ ନ ଦେଖିଲେ, ରାଜା ବାଉଳା ହୋଇଯାନ୍ତି ।

ତା'ର ବୟସ କମ୍ । ସେ ଦିନେ ରାଜ ଉଦ୍ୟାନରେ ଏକା ବସି ଖେଳୁଥିଲା । ଏଇ ସୁବିଧା ଦେଖି ପାଞ୍ଚଜଣ ଲୋକ ଆସିଲେ ।

ତାଙ୍କୁ କାବୁ କରିଦେଲେ । ସେ ପାଟି କରିବା ପୂର୍ବରୁ ତା'ର ପାଟିକି ବନ୍ଦ କରିଦେଇଥିଲେ । ରାଜକୁମାରଙ୍କୁ ସେମାନେ ଲୁଚାଇ କରି ସହରର ଉପକଣ୍ଠକୁ ନେଇଗଲେ । ସେଠି ତାଙ୍କୁ ନିର୍ମମ ଭାବରେ ହତ୍ୟା କଲେ । ତା'ର ଶବକୁ ଗୁପ୍ତ ଭାବରେ ଆଣିଲେ । ଇହୁଦୀମାନଙ୍କର ଗୋଟିଏ ପ୍ରାର୍ଥନା ମନ୍ଦିର ଥିଲା । ତାହା ଦୁଇ-ଭାଗରେ ବିଭକ୍ତ । ମନ୍ଦିରଟି ସ୍ତ୍ରୀଲୋକମାନଙ୍କର ପ୍ରାର୍ଥନା ପାଇଁ ଉଦ୍ଦିଷ୍ଟ । ସେଇ ପଟେ ରାଜକୁମାରଙ୍କର ଶବକୁ ଲୁଚାଇ ଦେଲେ ।

ପୁଅର ଦେଖା ମିଳିଲା ନାହିଁ । ରାଜାରାଣୀ ଅତ୍ୟନ୍ତ ବ୍ୟସ୍ତ । ସାରା ସହର ତନ୍ନ ତନ୍ନ ଖୋଜା ଗଲା । କେଉଁ ସ୍ଥାନ ବି ସେଥିରୁ ବାଦ୍ ପଡ଼ିଲା ନାହିଁ । ଇହୁଦୀମାନଙ୍କର ପ୍ରାର୍ଥନା ମନ୍ଦିରର ସ୍ତ୍ରୀଲୋକ ବିଭାଗରୁ ଶବଟି ମିଳିଲା । ପୁଅର ଶବ ଦେଖି ରାଜାରାଣୀ ପାଗଳ ପ୍ରାୟ ହୋଇଗଲେ । ରାଜା କ'ଣ, ସବୁ ପ୍ରଜାମାନେ ବି ଏହାକୁ ବିଶ୍ୱାସ କଲେ ଯେ ଇହୁଦୀମାନେ ରାଜକୁମାରଙ୍କୁ ହତ୍ୟା କରିଛନ୍ତି । ତା'ର ଶବ ତାଙ୍କ ପ୍ରାର୍ଥନା ମନ୍ଦିରରେ ଲୁଚାଇ ରଖିଥିଲେ । ମନ୍ତ୍ରୀମାନେ ଇହୁଦୀମାନଙ୍କ ଉପରେ ସମୁଚିତ ଦଣ୍ଡ ପାଇଁ ପରାମର୍ଶ ଦେଲେ ।

ରାଜା ପାଗଳଙ୍କଭଳି ହେବା ସତ୍ତ୍ୱେ ବିଚଳିତ ହେଲେ ନାହିଁ । ଏପରିକି ମନ୍ତ୍ରୀମାନଙ୍କ ପରାମର୍ଶ ଆଡ଼େଇ ଦେଲେ । ଇହୁଦୀମାନଙ୍କର ଧର୍ମପାଳକ ରାବ୍‌ବିଙ୍କୁ ଡକାଇ ପଠାଇଲେ । ତାଙ୍କୁ ରାଜା କହିଲେ "ରାଜକୁମାରଙ୍କର ଶବ ତମ ପ୍ରାର୍ଥନା ମନ୍ଦିରରୁ ମିଳିଛି । ସେଠାକୁ ଇହୁଦୀମାନଙ୍କ ଛଡ଼ା ଅନ୍ୟର ପ୍ରବେଶ ନିଷେଧ । ତେଣୁ ତମମାନଙ୍କ ଭିତରୁ କେହି ଜଣେ ମୋ ପୁଅକୁ ହତ୍ୟା କରିଛି । ତୁମେ ଯଦି ପ୍ରକୃତ ହତ୍ୟାକାରୀକୁ ମୋ ପାଖରେ ହାଜର କରାଇ, ମୁଁ ଇହୁଦୀ ସଂପ୍ରଦାୟର ସମସ୍ତ ଲୋକଙ୍କୁ ମୋ ପୁଅର ହତ୍ୟାକାରୀ ହିସାବରେ

ଗ୍ରହଣ କରିବ । ଏଇ ଅପରାଧ ପାଇଁ ତୁମ ସମସ୍ତଙ୍କୁ ଏ ରାଜ୍ୟରୁ ନିର୍ବାସିତ କରାଯିବ ।"

ରବ୍ବି କହିଲେ —"ମହାରାଜ, ଆମ ପ୍ରାର୍ଥନା ମନ୍ଦିରରୁ ଯେଉଁ ଲୋକର ଶବ ମିଳିଛି, ଆମେ ଯେ ନିର୍ଦ୍ଦୋଷ, ଏକଥା କହି-ବାକୁ ବର୍ତ୍ତମାନ ମୋର ସାହସ ନାହିଁ । ମୋତେ ତିନିଦିନ ସମୟ ଦିଅନ୍ତୁ । ମୁଁ ସେହି ହତ୍ୟାକାରୀକୁ ଖୋଜି ବାହାର ନକଲେ, ଆପଣ ଯାହା ଉଚିତ ଭାବିବେ, ସେପରି ଶାସ୍ତି ଆମପାଇଁ ବିଧାନ କରିବେ । କିନ୍ତୁ ଏଇ ତିନି ଦିନ ଭିତରେ ରାଜକୁମାରଙ୍କୁ କବର ଦିଆଯିବ ନାହିଁ । ବୈଜ୍ଞାନିକ ଉପାୟରେ ତାଙ୍କ ମୃତଶରୀରକୁ ସାଇତା ହୋଇ ରଖାଯିବ ।"

ରବ୍ବିଙ୍କ କଥାରେ ରାଜା ରାଜି ହେଲେ । ରବ୍ବି ପ୍ରାର୍ଥନା ମନ୍ଦିରକୁ ଫେରିଗଲେ । ରାଜପୁତ୍ରଙ୍କର ଶବ ପ୍ରାର୍ଥନା ମନ୍ଦିରରୁ ମିଳିବା ପରଠାରୁ ସବୁ ଇହୁଦୀ ଘୁଷୁଆ । ରବ୍ବିଙ୍କର ଫେରିବା ବାଟକୁ ସେମାନେ ଉତ୍କଣ୍ଠାସହ ଚାହିଁବସିଥିଲେ । ତାଙ୍କୁ ଦେଖି ସେମାନେ ରାଜାଙ୍କର ନିଷ୍ପତ୍ତି ଶୁଣିବାକୁ ବ୍ୟସ୍ତ ହୋଇପଡ଼ିଲେ । ରବ୍ବି ରାଜାଙ୍କ ସାଥିରେ ଯାହା କଥାବାର୍ତ୍ତା କରିଥିଲେ, ସେକଥା ସବୁ କହିଲେ । ତା'ପରେ ଆଦେଶ ଦେଲେ—"ରାଜପୁତ୍ରଙ୍କ ହତ୍ୟା-କାରୀ ନ ମିଳିବା ପର୍ଯ୍ୟନ୍ତ ତୁମେମାନେ ଉପାସ ରହିବ । ପ୍ରାର୍ଥନା ମନ୍ଦିରରେ ଅନବରତ ପ୍ରାର୍ଥନା କରିବ । ଭିକାରିମାନଙ୍କୁ ମନବୋଧ କରି ଦାନ କରିବ । ସେମାନଙ୍କ ମଧ୍ୟରୁ କେହି ଯେପରି ଅସନ୍ତୁଷ୍ଟ ହୋଇ ଫେରି ନଯାଏ, ଏକଥା ଦେଖିବ ।" ରବ୍ବିଙ୍କର ଆଦେଶ ଅକ୍ଷରେ ଅକ୍ଷରେ ଇହୁଦୀମାନେ ପାଳନ କଲେ ।

ସେଇ ରାତିରେ ରବ୍ବି ସ୍ୱପ୍ନ ଦେଖିଲେ—ଗୋଟିଏ ବୁଢ଼ା ତାଙ୍କ ପାଖରେ ଆସି ଠିଆହେଲା । ରାଜାଙ୍କର ପାଞ୍ଚଜଣ ମନ୍ତ୍ରୀ

ନିଜପର ଘରବାରେ ରାଜପୁତ୍ରଙ୍କ ହତ୍ୟାକଲେ, ସେ କଥା ବର୍ଣ୍ଣନା କଲି । ତା'ପରେ କ'ଣ କରିବ, ଯେ ପ୍ରକୃତ ଦୋଷୀ ଧରାପଡ଼ିବ ସେ କଥା ବି ବତାଇଦେଲି । ଏତିକିବେଳେ ରାବ୍‌ତ୍ଙ୍କର ନିଦ ଭାଙ୍ଗିଗଲା । ରାବ୍‌ତ ଉଠି ବସିଲେ । ଏ ଯେ ମହାପୁରୁଷ ଏକଲିଙ୍ଗଜୀଙ୍କର ଆଶୀର୍ବାଦ, ଏହା ହିଁ ରାବ୍‌ତଙ୍କର ଧାରଣା ହେଲା ।

ପରଦିନ ସକାଳେ ରାବ୍‌ତ ନଅରକୁ ଗଲେ । ରାଜାଙ୍କୁ ତାଙ୍କର ଅନୁରୋଧ ଥିଲା—"ମହାରାଜ, ସହରର ସମସ୍ତଲୋକଙ୍କୁ ଡକାଯାଉ । ପ୍ରକୃତ ଦୋଷୀ କିଏ, ମୁଁ ସେଇଠି ଦେଖାଇ ଦେବି ।"

ରାଜା ତ ପୁତ୍ର ହତ୍ୟାକାରୀଙ୍କୁ ଦେଖିବାକୁ ଚାହିଁଲେ । ସେ ରାବ୍‌ତଙ୍କ ଅନୁରୋଧ ଗ୍ରହଣ କରିନେଲେ । ସହରର ସମସ୍ତ ଲୋକଙ୍କୁ ରାଜପ୍ରାସାଦ ବାହାରେ ରୁଣ୍ଡ ହେବା ପାଇଁ ଆଦେଶ ଦେଲେ ।

ଏ ଖବର ବିଜୁଳି ବେଗରେ ସାରା ସହରରେ ଖେଳିଗଲା । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରାଜଧାନୀର ସବୁ ଲୋକ ରାଜ ପ୍ରାସାଦ ସମ୍ମୁଖରେ ରୁଣ୍ଡ ହୋଇସାରିଥିଲେ । ରାବ୍‌ତ ସେଠାକୁ ଆସିଲେ । ସାଥିରେ ତାଙ୍କର ରାଜା ଓ ମନ୍ତ୍ରୀମାନେ । ରାବ୍‌ତଙ୍କ ଆଦେଶରେ ସେଠାକୁ ଗୋଟିଏ ଟେବୁଲ ଅଣାଗଲା । ରାଜପୁତ୍ରଙ୍କ ଶବକୁ ଆଣି ତା ଉପରେ ଶୁଆଇ ଦିଆଗଲା । ରାବ୍‌ତ ଶବ ପାଖକୁ ଗଲେ । ଗୋଟିଏ ହାତରେ ଶବଟିର କପାଳ ଛୁଇଁଲେ । ସେ ହାତକୁ ଆଣି ନିଜ କପାଳକୁ ବି ଛୁଇଁଲେ । ତାପରେ ଆଖି ବୁଜି ଇଶ୍ବରଙ୍କୁ ପ୍ରାର୍ଥନା କଲେ । ଅତି ନୀରବ ଭାବରେ । ଏପରିକି ତାଙ୍କ ଗୁରୁପତ୍ନୀ କଣ ଘଟି ଯାଉଥିଲା, ସେକଥା ସେ କିଛି ଜାଣି ପାରୁନଥିଲେ ।

ସମବେତ ଜନତା ମଧ୍ୟରେ ଉତ୍କଣ୍ଠା । ଆଗ୍ରହ । ସମସ୍ତଙ୍କ ଆଖି ରାବ୍‌ତଙ୍କଠାରୁ ରାଜପୁତ୍ରଙ୍କ ପାଖକୁ ଯାଏ । ପୁଣି ରାଜପୁତ୍ରଙ୍କ ପାଖରୁ ରାବ୍‌ତଙ୍କ ପାଖକୁ ଫେରିଆସେ । ହଠାତ୍ ସେମାନେ

ଦେଖିଲେ—ରାଜପୁତ୍ର ଆଖି ଖୋଲିଲେ । ତା'ପରେ ସେ ଆସ୍ତେ ଆସ୍ତେ ଉଠି ବସିଲେ । ଗମ୍ଭୀର ନିଦରୁ ଉଠି ପିଲାମାନେ ଯେମିତି କହନ୍ତି, ସେଇମିତି ସେ କହିଲେ—"ମୁଁ ବଗିଚାରେ ଏକାକୀ ଖେଳୁଥିଲି । ତାପରେ ସେ ସେଠାରେ ଥିବା ପାଞ୍ଚଜଣ ମନ୍ତ୍ରୀଙ୍କ ଆଡ଼କୁ ହାତ ଦେଖାଇ କହିଲେ – ଏମାନେ ସେଠି ପହଞ୍ଚିଲେ । ସେମାନେ ମୋ ପାଖକୁ ଗଲେ । ହଠାତ୍ ମୋତେ ଧରି ମୋର ପାଟି ବନ୍ଦ କରି ଦେଲେ । ମୁଁ ଚିତ୍କାର କରିପାରିଲି ନାହିଁ । ସେମାନେ ମୋତେ ସହରର ଉତ୍ତର ପଟେ ଥିବା ନିର୍ଜନ ଜାଗାକୁ ନେଇଗଲେ । ମନ୍ତ୍ରୀମାନଙ୍କ ମଧ୍ୟରୁ ଜଣକ ଆଡ଼କୁ ହାତ ଦେଖାଇ ସେ ପୁଣି କହିଚାଲିଲେ—ଏଇ ମନ୍ତ୍ରୀଜଣକ ଛୁରୀ ବାହାର କରି ମୋତେ ହତ୍ୟା କରିବାକୁ ଉଦ୍ୟମ କଲେ । ମୁଁ କାକୁତି ମିନତି ହୋଇ ଅନୁନୟ କରି କହିଲି—ମୁଁ ପିଲା ଲୋକ । କାହା'ର କିଛି ଦୋଷ କରି ନାହିଁ । ମୋତେ ଛାଡ଼ିଦିଅ । ମାର ନାହିଁ । କେହି ମୋ କଥାକୁ କାନେଇଲେ ନାହିଁ । ଯାହା ହାତରେ ଛୁରୀ ଥିଲା, ସେ ମୋତେ ଛୁରୀ ଭୁଷିଦେଲା । ମୋର ରକ୍ତ ଗଛ ଆଡେ ଛିଟିକି କରି ପଡ଼ିଲା । ପାଖ ପଥରଟି ରକ୍ତରେ ପୂରା ଲାଲ ହୋଇଗଲା । ମୁଁ ସେଇଠି ପଡ଼ିରହିଲି । ମୋର ପ୍ରାଣବାୟୁ ବାହାରିଗଲା । ସେମାନେ ମୋ'ର ଶବ ଗୁପ୍ତ ଭାବରେ ଆଣିଲେ । ଇହୁଦୀମାନଙ୍କ ପ୍ରାର୍ଥନା ମନ୍ଦିରର ମହିଳା ବିଭାଗରେ ଲୁଚାଇ ଦେଲେ ।" ତା'ପରେ ପିଲାଟି ଆସ୍ତେ ଆସ୍ତେ ଶୋଇଗଲା । ତାର ଜୀବନ ପୁଣି ଚାଲିଗଲା ।

ରାଜା କ'ଣ ମନ୍ଦିରର ସମସ୍ତ ଲୋକ ଏ ଦୃଶ୍ୟ ଦେଖି ସ୍ତମ୍ଭୀଭୂତ । ଆଶ୍ଚର୍ଯ୍ୟ । ରାଜାଙ୍କ ଆଦେଶରେ ପାଞ୍ଚଜଣ ମନ୍ତ୍ରୀଙ୍କୁ ଅଟକାଇ ରଖାଗଲା । ସେନାପତିଙ୍କୁ ଆଦେଶ ହେଲା—"ତୁମେ ନିଜେ କିଛି ସୈନ୍ୟ ନେଇ ଯାଅ । ଉତ୍ତର ପଟ ଜାଗାଟି ଦେଖ ।

ପ୍ରକୃତରେ ସେଠି ଯଦି ରକ୍ତ ପଡ଼ିଥିବ ଆଉ ପଥରଟି ରକ୍ତରେ ଭିଜି ଯାଇଥିବ, ତାକୁ ଦେଖି ଆସ ।”

ସେନାପତି କିଛି ସୈନ୍ୟ ଧରି ବାହାରି ପଡ଼ିଲେ । ଯେଉଁ ଯୁବକମାନେ ଏ ଘଟଣାରେ ବେଶି ଆଗ୍ରହୀ ସେମାନେ ବି ତାଙ୍କ ପିଚ୍ଛା ଧରିଲେ ।

ରକ୍ତ ଛିଡ଼ିକା ପଡ଼ିଥିବା ଜାଗା ଓ ରକ୍ତରେ ଭିଜିଥିବା ପଥର ସଂପୂର୍ଣ୍ଣ କଳା ପଡ଼ିଯାଇଥିଲା । ସେଇଠି ରକ୍ତଭିଜା କଳାପଡ଼ିଥିବା ଛୁରୀ ବି ପଡ଼ିଥିଲା । ପିଲାଟି ଯାହା କହିଥିଲା, ତାହା ଯେ ଏକାନ୍ତ ସତ୍ୟ, ସେଥିରେ ସେଠାରେ ରୁଣ୍ଡ ହୋଇଥିବା ସେନାପତି, ସୈନ୍ୟମାନେ ଓ ଅନ୍ୟାନ୍ୟ ଦେଖଣାହାରିମାନେ ଏକମତ ହେଲେ ।

ରକ୍ତରେ ଭିଜି କଳାପଡ଼ିଥିବା ପଥରଟି ଓ ଛୁରିଟି ଧରି ସେନାପତି ରାଜାଙ୍କ ପାଖକୁ ଫେରିଆସିଲେ । ସେଇଟିକୁ ସମବେତ ଜନତା ଆଗରେ ଥୋଇଦେଲେ । ଏ ଦୃଶ୍ୟ ଅତ୍ୟନ୍ତ ମର୍ମନ୍ତୁଦ । ଆଖିରେ କାହାରି ଲୁହ ରହିଲା ନାହିଁ । ରାଜା ମନ୍ତ୍ରୀମାନଂକଠାରୁ କୈଫିୟତ ବୁଝିଲେ । ସେମାନେ ନିରୁତ୍ତର । ମୁଣ୍ଡ ତାଂକର ଆଗକୁ ନଇଁ ଆସିଲା । ସେମାନେ ମୁଣ୍ଡକୁ ଉପରକୁ ଆଉ ଉଠାଇଲେ ନାହିଁ ।

ରାଜା ସେମାନଙ୍କୁ ମୃତ୍ୟୁ ଦଣ୍ଡ ଦେଲେ । ଛତୁର୍ଦ୍ଦୀମାନଂକୁ ଶାନ୍ତିରେ ତାଂକ ରାଜ୍ୟରେ ରହିବାକୁ ଅଭୟ ଦେଲେ । ସେମାନଂକ ପ୍ରତି ଯେଉଁ ଶ୍ରଦ୍ଧା ଲଭିଥିଲା, ତାହା ସେଇପରି ଅତୁଟ ରହିଲା । ସେଥିରୁ ଲୋକଂକର ଧାରଣା ହେଲା ଯେ କୌଣସି ଅପରାଧ ଲୁଚେ ନାହିଁ । ସତ୍ୟ ପ୍ରକାଶ ହୁଏ । ଅପରାଧୀ ଧରାପଡ଼େ ।

ବାପର ସ୍ନେହ

ଇନ୍ଦ୍ରଧାଟି ବଣିକ । ସ୍ତ୍ରୀ ତା'ର ବହୁ ଆଗରୁ ମରିଯାଇଥିଲା । ତା'ର ଗୋଟିଏ ବୋଲି ପୁଅ । ତାକୁ ସେ ଖୁବ୍ ଭଲପାଏ । ପିଲାଟି ଗେଲବସର ହୋଇ ବଢ଼େ ।

ଇନ୍ଦ୍ରଧାଟିର ବ୍ୟବସାୟ ଅନେକ । ସେଥିରେ ସେ ସବୁବେଳେ ବ୍ୟସ୍ତ । ନିଃଶ୍ୱାସ ମାରିବାକୁ ତାର ବେଳ ନଥାଏ । ତେଣୁ ପୁଅର ତତ୍ତ୍ୱ ସେ ଠିକ୍ ଭାବରେ ନେଇପାରେ ନାହିଁ । ପୁଅଟି ପିଲାଦିନେ ଗ୍ଲଙ୍କଲଙ୍କ ମାରଫତରେ ରହୁଥିଲା । ବୟସ ହେବା ପରେ ସେ ସାଙ୍ଗସାଥିଙ୍କ ଗହଣରେ ସମୟ କଟାଏ ।

ପିଲାଟିର ପଇସାର ଅଭାବ ନଥିଲା । ଯେତେବେଳେ ତା'ର ଯାହା ଦରକାର, ସେ ବାପଠୁଁ ନେଇଯାଉଥିଲା । ସେଥିପାଇଁ ପଇସାକୁ ମାଟିଗୋଡ଼ି ଭଳି ବ୍ୟବହାର କରୁଥିଲା । ତା'ର ଅମାପ-ଖର୍ଚ୍ଚ ଦେଖିଲେ ଯେ କୌଣସି ଲୋକ ଈର୍ଷା କରିବ ।

ପିଲାଟି ଗହଣରେ ରହିଲେ, ଖୁବ୍ ଆରାମ ମିଳେ । ହାତରୁ କାଣ୍ଟି ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ଏହା ତାର ସବୁ ବନ୍ଧୁଙ୍କର ଅଙ୍ଗେ ଲଭାଇବା କଥା । ଏହାର ସୁବିଧା ବନ୍ଧୁମାନେ ନେବାକୁ ଲାଗିଲେ । ଆସ୍ତେ ଆସ୍ତେ ମନ୍ଦ ଓ ଚପଳ ପ୍ରକୃତିର ପିଲାମାନେ ତାକୁ ଘେରିଗଲେ । ସେମାନଙ୍କ ତୋଷାମଦ ଓ ଗୁଣଗାଥା ଶୁଣି ଇନ୍ଦ୍ରଧାଟିର ପୁଅ ତରଳିଯାଏ । ସେମାନଙ୍କୁ ନିଜର ଅନ୍ତରଙ୍ଗ ବନ୍ଧୁ ବୋଲି ଭାବେ । କ୍ରମେ କ୍ରମେ ସେ ତା'ର ନିଜତ୍ୱ ହରାଇଲା । ସେ ସେଇ ବନ୍ଧୁମାନଙ୍କର ହାତରେ କ୍ରୀଡ଼ନକ ହେଲା । ସେମାନଙ୍କର କଥାରେ ପରିଚାଳିତ ହେଲା । ନିଜର ବୁଦ୍ଧି ବିବେକ ଓ ଜ୍ଞାନ ତା'ର ଯେମିତି ସବୁ ଲୋପପାଇଗଲା । ବ୍ୟବସାୟ ବାଣିଜ୍ୟର ନାଁ ସେ ଆଉ ଧରିଲା ନାହିଁ । ସବୁବେଳେ ମଉଜ ମଜଲିସ୍‌ରେ ସେ ବୁଡ଼ିରହିଲା ।

ବାପା ପୁଅର ଚଳଣିକୁ ନେଇ ଚରୁନଥିଲେ । କିନ୍ତୁ ତା ବିଷୟରେ ଠିକ୍‌ଠାକ ଖବର ରଖିବାରେ ସେ ହେଳା କରୁନଥିଲେ । ପୁଅର ଗତିବିଧି ନେଇ ସେ ଚିନ୍ତିତ । ତାଙ୍କୁ ଠିକ ବାଟରେ ଆଣିବାକୁ ସେ ଚେଷ୍ଟା କରୁଥିଲେ । ପୁଅକୁ ଏକାକୀ ପାଇଲେ, ଉପଦେଶ ଦିଅନ୍ତି । ବନ୍ଧୁ ମଣ୍ଡଳରୁ ଫେରିଆସିବାକୁ ତାଗିଦ କରନ୍ତି । ନିଜ ବ୍ୟବସାୟରେ ମନ ଦେବାକୁ ପରାମର୍ଶ ଦିଅନ୍ତି । କିନ୍ତୁ ସେ ସବୁ ବୃଥା ହୁଏ । ପୁଅ ବାପାଙ୍କୁ ସିଧା କିଛି କହେ ନାହିଁ ସତ, କିନ୍ତୁ ବାପାଙ୍କର ଉପଦେଶ ଏ କାନରେ ପୂରାଇ ସେ କାନରେ ବାହାର କରିଦିଏ । ବାପା ଦେଖନ୍ତି ପୁଅ ତାଙ୍କ କଥା ଶୁଣୁନାହିଁ । ତା'ର କୌଣସି ପରିବର୍ତ୍ତନ ହେଉନାହିଁ ।

ବାପା ତାଙ୍କର ମନର କଥା ବାହାରେ ପ୍ରକାଶ କରନ୍ତିନାହିଁ । କିନ୍ତୁ ସେ ଯେ ପୁଅ ଉପରେ ଅସନ୍ତୁଷ୍ଟ । ଏଥିରେ ପୁଅର ବି ସନ୍ଦେହ ନଥିଲା । ତଥାପି ପୁଅ ଏଥିରେ ଗୁରୁତ୍ୱ ଦେଲା ନାହିଁ । ଏଇଟା ଇନ୍ଦ୍ରଧରର ଦୁଃଖର କାରଣ ହୋଇଗଲା ।

ଇନ୍ଦ୍ରଧରିର ମନରେ ସବୁବେଳେ ଦୁଃଖ । ସବୁବେଳେ ସେ ଚିନ୍ତାଗ୍ରସ୍ତ । ପେଟକୁ ଦାନା ଗଲାନାହିଁ । ପୁଅର ଚିନ୍ତାରେ ସେ ଭାଙ୍ଗିପଡ଼ିଲା । ଶେଷକୁ ରୋଗାକ୍ରାନ୍ତ ହେଲା । ଡ଼ାକ୍ତର ବୈଦ୍ୟ ଆସିଲେ । ରୋଗଟା ନିର୍ଦ୍ଧାରଣ କରିପାରିଲେ ନାହିଁ । ରୋଗ ବିଛଣାରେ ପଡ଼ି ବାପା ପୁଅକୁ ଡ଼ାକି କହିଲା—"ପୁଅରେ ତୁ ଖରାପ ଲୋକଙ୍କ ସାଥିରେ ମାତିଲୁ । ମଜଲିସ୍‌ରେ ତୋର ସମୟ କଟିଗଲା । ପଇସାକୁ ପଇସା ବୋଲି ଚିହ୍ନିଲୁନାହିଁ । ମୁଁ ତ ରୋଗଶଯ୍ୟାରେ । କେଉଁ ମୂହୂର୍ତ୍ତରେ ଆଖି ବୁଜିବି, ତାର ଠିକ୍ ଠିକଣା ନାହିଁ । ମୁଁ ମଲାପରେ ବ୍ୟବସାୟ ବନ୍ଦ ହୋଇଯିବ । ପଇସା ଆଉ ଆସିବନାହିଁ । ତୋ ସାଙ୍ଗମାନେ ଦୂରେଇଯିବେ । ତୋତେ ଚିହ୍ନିବେ

ନାହିଁ । ଆଗରୁ ସାବଧାନ ହୁଅ । ନଇଲେ ବିପଦରେ ପଡ଼ିବୁ । ଏ ଆଖିର ଲୁହ ସେ ଆଖିରେ ମରିବ ।"

ପୁଅ ବାପା କଥାକୁ ବିଶ୍ୱାସ କରିପାରିଲାନାହିଁ, ବରଂ ହସିହସି ବେପରୁଆ ଭାବରେ କହିଲା—"ମୋ ସାଙ୍ଗ ସାଥୀମାନଙ୍କୁ ତୁମେ ଜାଣି ନାହଁ । ମୋ ପାଇଁ ପ୍ରାଣ ଦେବାକୁ ସେମାନେ ପ୍ରସ୍ତୁତ । ମୋ ଅଗ ଗୋଡ଼ରେ କଣ୍ଟା ବାଜିବାକୁ ସେମାନେ ଦେବେ ନାହିଁ । ମୋ ଅସୁବିଧା ସୁବିଧା ସେମାନେ ଦେଖିବେ । ବ୍ୟବସାୟ ଠିକ୍ ଚାଲିବ । ତୁମେ ବ୍ୟସ୍ତ ହୁଅନାହିଁ ।"

ବାପା ପୁଅ କଥାରେ ସନ୍ତୁଷ୍ଟ ହୋଇପାରିଲେ ନାହିଁ । ସେ ଦେଖିଲେ—ପୁଅ ତାଙ୍କର କିଛି ପରାମର୍ଶ ନେବନାହିଁ । କିନ୍ତୁ ସେ ଆଖି ବୁଜିବା ପୂର୍ବରୁ ପୁଅ ପାଇଁ କିଛି ବ୍ୟବସ୍ଥା କରିବା ତାଙ୍କର ଉଚିତ । ହେଲେ ନା ହେଲେ ସେ ବାଟକୁ ଫେରିବ । ସେଇ ବ୍ୟବସ୍ଥାର ସେ ଉପଯୋଗ କରିବ । ଏକଥା ସେ ସବୁବେଳେ ଚିନ୍ତା କରୁଥିଲେ ।

ହଠାତ୍ ବୁଢ଼ା ତାଙ୍କର ଅଗଣାରେ ଦୁଇଟି ଖୁଣ୍ଟ ଗଡ଼ାଇଲେ । ମଝିଟା ଡାଳ ଖୋଲା ରଖିଲେ । ଏହି ଦୁଇଟି ଖୁଣ୍ଟ ହେଲେ, ଅଗଣା ଅସୁନ୍ଦର ହୋଇଯିବ । ଏ ଯୁକ୍ତି ପୁଅ ବାହାରର ବାଡ଼ିଛି । ବୁଢ଼ା କିଛି ଶୁଣିଲେ ନାହିଁ । ଖୁଣ୍ଟ ଗଡ଼ା ହେଲା । ଏପରିକି ଉପର ଅଂଶରେ ସିମେଣ୍ଟ ଭାଗ କମ୍ । ବାଲି ଭାଗ ବେଶ୍ ବେଶି ହୋଇଗଲା । ଖୁଣ୍ଟ ଦୁଇଟା ଏପରି ହୋଇଗଲା ଯେ ଧକ୍କା ଟିକିଏ ଜୋରରେ ଦେଲେ ତାହା ଭୁଷୁଡ଼ି ପଡ଼ିବ । ଖୁଣ୍ଟ ହେଲାପରେ ଲୋକେ କହିଲେ, ବଂଶ ଗାଳି । ପୁଅ ବଦଖର୍ଚ୍ଚରେ ପଇସା ସାରୁଛି । ବୁଢ଼ାର ବଦଖର୍ଚ୍ଚ ବି କମ୍ ନୁହେଁ । ଝୁଙ୍କ ଅଛି । ଖୁଣ୍ଟ ତିଆରି ହେଲାଣି । ସେଥିରେ ପଇସା ଉଡ଼ାହେଉଛି । କେହି ଭଲ କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି ।

ବନେ ସ୍ତରରେ ଇତ୍ଵର୍ଦ୍ଧୀଟି ତା'ର ଯେତେ ଧନରତ୍ନଥିଲା, ତାହା ସେଇ ଖୁଣ୍ଟର ଫୋଲ ଅଂଶରେ ପୂର୍ଣ୍ଣ ଭରଦେଲେ । ଏ କଥାରେ କେହି ସୂଚକ ବ ପାଇଲେ ନାହିଁ । ତା ପରଦିନ ଖୁଣ୍ଟର ଉପରେ ବନ୍ଦ କରଦିଆଗଲା । ବେଶ ମଜଭୂତ କରି । ଗୋଟିଏ ଡଉଡ଼ରେ ଦୁଇ ଖୁଣ୍ଟକୁ ବାନ୍ଧ ଦିଆଗଲା ।

ବୃଦ୍ଧାଙ୍କର ଶେଷ ସମୟ ଅସିଗଲା । ବନେ ସେ ପୁଅକୁ କହିଲେ —"ଅଳ୍ପଦିନ ପରେ ମୁଁ ସଂସାର ଛାଡ଼ ଚାଲିଯିବ । ତୋତେ ବ୍ୟବସାୟରେ ତାଲିମ ଦେବାକୁ ଚାହିଁଥିଲି । ତୁ ତ ଲିସ ନେଲୁ ନାହିଁ । ମୁଁ ଥାଉ ଥାଉ ବ୍ୟବସାୟ ବ ଦେଖିଲୁ ନାହିଁ । ମୁଁ ମଲାପରେ ବ୍ୟବସାୟ ଗ୍ଭରଖାର ହୋଇଯିବ । ଆୟ ଆଉ ହେବ ନାହିଁ । ବ୍ୟବସାୟ ବୁଡ଼ିଯିବ । ତୋର ପଇସା ସରିଯିବ । ତୁ ଫକଡ଼ଗ୍ଭମ ଗିରଧାରୀ ହୋଇଯିବୁ । ତୋ ସାଥିମାନେ ଖର୍ଚ୍ଚ କରିବାକୁ ପଇସା ତୋଠାରୁ ପାଇବେ ନାହିଁ । ସମସ୍ତେ ତୋତେ ଛାଡ଼ ଚାଲିଯିବେ । ଦୁଃଖରେ ତୁ ହା ହୁତାଶ ହେବୁ । ମୋ କଥା ତୁ ମାନିଲୁ ନାହିଁ । କନ୍ତୁ ମୋର ଏଇ ଶେଷ କଥା ମାନିବୁ । ନଜର ସମ୍ମାନ କେବେ ହରାଇବୁ ନାହିଁ । କାହାର ଦ୍ୱାରସ୍ଥ ହୋଇ ଭିକ୍ଷା ମାଗିବୁ ନାହିଁ । ତୋର ଏ ଅବସ୍ଥା ଆସିଲେ, ଘରକୁ ଆସିବୁ । ଘର ଭିତରେ ପଟୁ କବାଟ ବନ୍ଦ କରିବୁ । କେହି ଯେପରି ଏ ଘରେ ନ ରହିବେ, ତା'ର ବ୍ୟବସ୍ଥା କରିବୁ । ତାପରେ ଅଗଣାରେ ଖୁଂଟ ଦୁଇଟିକୁ ସଂଯୋଗ କରୁଥିବା ଡଉଡ଼ରେ ଝୁଲିପଡ଼ିବୁ ।"

ବାପ'ର ଏ ଅଜବ କଥା ଶୁଣି ପୁଅଟି ମନେ ମନେ ବେଶ୍ ହସିଲା । କନ୍ତୁ ତାଙ୍କର ଶେଷ କଥା ମାନିବବୋଲି ଦୃଢ ପ୍ରତିଶ୍ରୁତି ଦେଲା ।

ସତକୁ ସତ ବୁଢ଼ା ତାର ଦୁଇ ଚ୍ଚରିଦିନ ପରେ ଆଖି ବୁଜିଲା । ପୁଅର ଏଥର ଗ୍ଭରି ଖୁଣ ମାଫ୍ । ସେ ପଇସା ବେଦମ ଖର୍ଚ୍ଚ କଲା ।

ଏଥର ସବୁଦିନ ମଉଜ ମଜଲିସ । ଭୋଜି ଭାତର ଆୟୋଜନ । ଧରାକୁ ସରା ବୋଲି ସେ ମନେକଲା । ବ୍ୟବସାୟରେ ଆଖି ଟିକିଏ ବି ପକାଇଲା ନାହିଁ । ସବୁ ବ୍ୟବସାୟ ବାଣିଜ୍ୟ ଗୋଟିକ ପରେ ଗୋଟିଏ ବୁଡ଼ିଗଲା । ଆୟ ନାହିଁ । ବ୍ୟୟ ବଢ଼ିଚାଲିଛି । ସାଙ୍ଗ-ମାନଙ୍କର ଫରମାସିର ସୀମା ନାହିଁ । ସେମାନଙ୍କର ଅନୁନୟ ଅନୁରୋଧକୁ ସେ ମାନି ଚାଲିଛି । ସେ ଦେଖିଲା —ଅବସ୍ଥା ଅସମ୍ଭାଳ ହୋଇଆସୁଛି । ଜମିବାଡ଼ି ବିକି ବି ତା'ର ସାଙ୍ଗସାଥିଙ୍କ କଥା ରଖି ମଉଜ ମଜଲିସ କରିବାକୁ ସେ ଅସମର୍ଥ । ଅଳ୍ପ କେତୋଟା ଦିନରେ ସେ ସଂପୂର୍ଣ୍ଣ ଫକିର ହୋଇଗଲାଣି । ପଇସା ଆଉ ହାତରେ ତାର ନାହିଁ । ଜମିବାଡ଼ି ସବୁ ସରିଗଲାଣି । ସେ ହତାଶ ଓ ଅସହାୟ ବୋଧ କଲାଣି । ସବୁ ଅନୁରୋଧକୁ 'ନାହିଁ' କରିବା ଛଡ଼ା ତା'ର ଉପାୟ ଆଉ ନଥିଲା । ସାଙ୍ଗସାଥିମାନେ ତାର ଅବସ୍ଥା ସେ ହୃଦୟଙ୍ଗମ କରୁ ନାହାନ୍ତି । ସେଥିରେ ଏବେ ନେସ ଦୃଢ଼ । ପଇସା ସରିବାରୁ ଆଗ ଆପେ ଭୋଜିଭାତ, ମଉଜ ମଜଲିସ ପୂରାପୂରି ବନ୍ଦ ହୋଇଗଲା । ଦିନେ ସାଙ୍ଗସାଥିମାନେ ଜୁଟି ଗୋଟିଏ ବଡ଼ ଧରଣର ଭୋଜିର ଆୟୋଜନ କଲେ । ପୁଅଟିକୁ ସମସ୍ତ ଖର୍ଚ୍ଚ ବହନ କରିବାକୁ ବାଧ୍ୟ କଲେ । ପୁଅଟି କହିଲା—"ଭାଇ, ମୁଁ କପର୍ଦ୍ଦକ-ଶୂନ୍ୟ । ତମ ଦାବି ମୁଁ ପୂରଣ କରିବାକୁ ଅକ୍ଷମ । ଏତେ ବଡ଼ ଭୋଜି ତ ଦୂରର କଥା, ତମକୁ ସାଧାରଣ ଭୋଜନଟିଏ ବି ମୁଁ ଦେଇପାରିବି ନାହିଁ । ମୋତେ କ୍ଷମା କର ।"

ସବୁ ସାଙ୍ଗମାନେ ରାଗରେ ନିଆଁ । ସେମାନେ କହିଲେ—"ତୁ ଯେମିତି ଭୋଜିରେ ପଇସା ଖର୍ଚ୍ଚ କରୁଥିଲୁ, ଆମେ ସେମିତି ପରିଶ୍ରମ କରୁଥିଲେ । ତୁ ଯଦି ପଇସା ନଦେବୁ, ଆମର ଖୋଟେ ବାଧ କରିବାର ପ୍ରଶ୍ନ ଉଠୁନାହିଁ । ଆମେ ସେ ସମସ୍ତ ପଇସା ଦେବୁ । କିନ୍ତୁ ଆମ ଭଳି ହୋଇ ତୁ ରହିବୁ । ଭୋଜି ହେବାର କଥା ହେବ । ସେଥିରୁ ଶାନ୍ତ ହେବାର ପ୍ରଶ୍ନ ଉଠୁନାହିଁ ।"

ପୁଅଟିର ଉପାୟ ନଥିଲା । ସେମାନଙ୍କ କଥାରେ ସେ ରାଜି-
ହେଲା । ସେମାନେ ଭୋଜି ପାଇଁ ମାଂସ, ଚାଉଳ ଆଉ ଯାହା
ଦରକାର ସବୁ ଆଣି ରଖିଦେଲେ । ପୁଅଟିକୁ ରାନ୍ଧିବାକୁ ଫରମାସ
ଦେଲେ । ସେମାନେ ମଜ୍ଜା ମଜଲିସ କରିବାକୁ ଏକାଠି ବସିଲେ ।
ପୁଅକୁ ସେ ଜାଗାକୁ ଡାକିଲେ ବି ନାହିଁ ।

ପୁଅଟି ତ ପିଲାଟି ଦିନରୁ ଗେଲବସର । ଚୁଲିପାଖକୁ ଯାଇ-
ନାହିଁ । ବଗୁରଟିକୁ ରାନ୍ଧିବା ଜଣାନାହିଁ । ସେ କେମିତି ରାନ୍ଧିବ,
ସେଇଟା ତା'ର ଗୋଟିଏ ସମସ୍ୟା । ବେକୁଆ ମୁହଁରେ ସାଙ୍ଗ-
ମାନଙ୍କ ପାଖକୁ ଗଲା । ସେଇ କଥା କହିଲା । ସେମାନେ କହିଲେ
—"ଯାହାର ଯାହା କରିବାର କଥା, ସେ କରିବ । କେମିତି
କରିବ, ସେ ଜାଣେ । ଆମକୁ ପଚାରି ଲାଭ ନାହିଁ ।" ତା'ପରେ
ସେମାନେ ଖେଳରେ ମାତିଲେ । ହସରେ କାନ ଅତଡ଼ା ପଡ଼ୁଥାଏ ।
ବିଚରା ପୁଅଟି ବସି ବହୁତ ସମୟ ଭାବିଲା । ବାପା କଥା ନମାନି
କଣ ତା'ର ହେଲା, ସେ ହୃଦୟଙ୍ଗମ କଲା । ବାପା ଯାହା କହୁଥିଲେ
ସେ ଯଦି ମାନିଥାନ୍ତା, ତାର ଏପରି ଅବସ୍ଥା ହୋଇନଥାନ୍ତା ।

ସେ ବହୁତ ଭାବିଲା । ସେଠୁ ପଳାଇଯିବା ଉଚିତ ନୁହେଁ ।
ଏହା ମନ ସ୍ଥିର କଲା । ରାନ୍ଧିବାକୁ ଇଚ୍ଛା ଉଠିଲା । ଜୀବନରେ
ପ୍ରଥମଥର ପାଇଁ ସେ ଚୁଲି ପାଖକୁ ଗଲା । ଚୁଲି ଜାଳିବା ପାଇଁ
କୌଶଳ ବି ଅଛି । ତାହା ତାକୁ ମାଲୁମ ନାହିଁ । ଚୁଲି ଫୁଙ୍କି
ଫୁଙ୍କି ତା'ର ଲୁହ ବୋହିଲା । ରନ୍ଧନ ଶୈଳୀ ଅଛି । ସେ ତା
ଜାଣେ ନାହିଁ । ତଥାପି ତାର ମନ ଯେମିତି ହେଲା, ସେମିତି ସେ
ରାନ୍ଧିଲା । ରନ୍ଧା ସରିଲା ବେଳକୁ ସେ କ୍ଳାନ୍ତ । ସଂପୂର୍ଣ୍ଣ ହାଲିଆ ।
କିନ୍ତୁ ସେମାନଙ୍କର ଖେଳ ସରିନଥାଏ । ସେ ଯାଇ ରନ୍ଧା ସରିବା
ଖବର ସେମାନଙ୍କୁ ଜଣାଇଦେଲା । ସାଙ୍ଗମାନେ କହିଲେ—"ସେଠି

ଖାଇବା ଜିନିଷ ତୁ ଜଗ । ଆମର ଖେଳ ସରିଲେ ଆମେ ଫେରୁ । ଖାଇବା ପିଇବା ଆରମ୍ଭ ହେବ ।”

ପୁଅଟି ଆସି ରନ୍ଧା ଜିନିଷ ସବୁ ଜଗିରେ ବସିଲା । ସେ ତ ଏ ଜୀବନ ସହିତ ଅନଭ୍ୟସ୍ତ । ସେ କ୍ଳାନ୍ତ ଓ ହାଲିଆ । ସେଠି ବସୁ ବସୁ ତାକୁ ନିଦ ଆସିଗଲା । ନିଦ ଭାଙ୍ଗିଲା ବେଳକୁ ଦେଖିଲା—ସବୁ ସାର ଖାଲି । ଯାହା ରନ୍ଧାହୋଇଥିଲା, କୁକୁର ଆସି ସବୁ ଖାଇ ଦେଇଛି । ସେ ଯାଇ ସାଙ୍ଗମାନଙ୍କୁ ଏ ଖବର ଦେଲା । ସାଙ୍ଗମାନେ ଖେଳ ବନ୍ଦ କରି ଧାଇଁଆସିଲେ । ସେମାନେ ଦେଖିଲେ ଯେ ପୁଅଟି ଯାହା କହୁଛି, ତାହା ସତ୍ୟ । ସେମାନେ ରଗିଗଲେ । ମିଛୁଆ, ଚୋର ବଦମାସ ବୋଲି ଗାଳି ଗାଳିଦେଲେ ନାହିଁ, ତା ଦେହରେ ହାତ ବି ଲଗାଇଲେ । ପୁଅଟି ଶୋଇବା ଅବସ୍ଥାରେ ରନ୍ଧା ଖାଦ୍ୟ ଯେ କୁକୁର ଖାଇଦେଲା, ତାକୁ ସେମାନେ ବିଶ୍ୱାସ କଲେ ନାହିଁ । ପୁଅଟି ପ୍ରଥମ ଥର ପାଇଁ ତା ଜୀବନରେ ଲାଞ୍ଛିତ ଓ ଅପମାନିତ ହେଲା । ସେ ଭାଙ୍ଗିପଡ଼ିଲା । ଯେଉଁ ସାଙ୍ଗମାନଙ୍କ ପାଇଁ ଆଜି ସେ କାଙ୍ଗାଳ, ତାଙ୍କଠାରୁ ଏପରି ପରାଭବ ସେ କେବେହେଲେ କଳ୍ପନା ବି କରିନଥିଲା । ତାର ମୁଣ୍ଡ ନଇଁଆସିଲା । ସେ ଗ୍ଳାନିକ୍ଳାନ୍ତ ମନରେ ଘରକୁ ଫେରିଲା । କେହି ପଦେ ପଚାରୁ ତାକୁ ଆହା ବି କହିଲେ ନାହିଁ । ସେ ଘରର ପଛ ବଗିଚାରେ ପଡ଼ିରହିଲା । ବହୁତ କାନ୍ଦିଲା । ମନେ ମନେ ବାପାଙ୍କୁ ତାଙ୍କ [illegible] କ୍ଷମା ମାଗିଲା । ଏତିକି-ବେଳେ ତାର ବାପାଙ୍କର ଶେଷ କଥା ମନେପଡ଼ିଲା । ସେ ଉଠିଲା । ବାପାଙ୍କ କଥା ମାନିବ ବୋଲି ବାହାରିଲା ।

ଘରେ ଚାକର ବାକର ଏବେ ଆଉ ନାହାନ୍ତି । ଦରମା ନ ପାଇବାରୁ ସେ ଯାହାର ବାଟ ଦେଖି ପଳାଇଗଲେ । ଘରେ ସେ ଖାଲି ଏକୁଟିଆ ରହେ । ସେ କବାଟ କଣ୍ଠା ବନ୍ଦ କଲା । ବାପା କହିଥିବାନୁସାରେ ଦୁଇଟି ଖୁଣ୍ଟକୁ ସଂଯୋଗ କରୁଥିବା ଦଉଡ଼ିରେ

ଝୁଲିଲା । କିନ୍ତୁ ସମୟ ଭିତରେ ଦୁଇଟି ଯାକ ଖୁଣ୍ଟ ଏକ ବେଳକେ ଭାଙ୍ଗି ଗଲା । ସେ ଧଡ଼୍‌ ମ୍ କଚଡ଼ାଟିଏ ଖାଇଲା । ସାହାନ୍ତେ ବହୁ କଷ୍ଟରେ ଉଠି ଛିଡ଼ା ହେଲା । ସେ ବୃକ୍ଷ ଆଡ଼କୁ ଅନାଇଲା । ଦେଖିଲା—ଅଗଣାରେ ସୁନା ରୁପା ବହୁତ ହୋଇ ପଡ଼ିଛି । ଖୁଂଟ ପାଖକୁ ଗଲା । ଯାହା ଦେଖିଲା ତା'ର ଆଖି ଖୋସି ହୋଇଗଲା । ଖୁଂଟ ଭିତରେ ସୁନା ରୁପା ଭର୍ତ୍ତି ହୋଇଥିଲା । ଏସବୁ ଦେଖି ସେ ଭାବିଲା—ବାପା ତାକୁ ଖୁବ୍ ଭଲ ପାଉଥିଲେ । ତାଙ୍କୁ ବିପଦ ଆସିବ ବୋଲି ତାଙ୍କର ଜଣା ଥିଲା । ତାଙ୍କର ତ ବୁଦ୍ଧି ବହୁତ । ପ୍ରଖର ବି । ସେଥିପାଇଁ ବିପଦରୁ ସେ କିପରି ଉଦ୍ଧାର ପାଇବ, ତାର ବ୍ୟବସ୍ଥା କରିଗଲେ । ଭଲ ମଣିଷ ଭଳି ସେ ଚଳିବା ପାଇଁ ଏ ଧନରତ୍ନ ରଖି ଯାଇଛନ୍ତି । ଏଥର ସେ ଏହାର ସଦୁପଯୋଗ କରିବ । ବାପାଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ସେ ନମସ୍କାର ଜଣାଇଲା ।

ଏଥର ସେ ନୂଆ ଜୀବନ ଆରମ୍ଭ କଲା । ପୂର୍ବ ସାଙ୍ଗ ସାଥିଙ୍କ ପାଖକୁ ଗଲା ନାହିଁକି ତାଙ୍କୁ ବି ଡ଼ାକିଲା ନାହିଁ । ବ୍ୟବସାୟ ପୁଣି ଆରମ୍ଭ କଲା । ପୁରୁଣା ଗ୍ରାହକଙ୍କୁ ଗୋଟାଇ ଆଣିଲା । ନିଜେ ସବୁ ସମୟ ତେ ବ୍ୟବସାୟ ଦେଖିଲା । ଲାଭ ପ୍ରଚୁର ହେଲା । ଅବସ୍ଥା ତା'ର ବଦଳିଗଲା । ସେ ସୁଖରେ ରହୁଛି । ଭଲରେ ଚଳୁଛି । ଏ ଖବର ସାଙ୍ଗମାନେ ପାଇଲେ । ଏବେ ଜଣକ ପରେ ଜଣେ ତା ପାଖରେ ଆସି ଜୁଟିଲେଣି । ସେମାନେ ତା ପ୍ରତି ଖରାପ ବ୍ୟବହାର ପାଇଁ ଦୁଃଖ ପ୍ରକାଶ କଲେ । କ୍ଷମା ବି ମାଗିଲେ ।

ଏଇ ଅବସରରେ ସେ ଗୋଟିଏ ବଡ଼ ଭୋଜିର ଆୟୋଜନ କଲା । ସବୁ ସାଙ୍ଗମାନଙ୍କୁ ନିମନ୍ତ୍ରଣ ଦିଆଗଲା । ସାଙ୍ଗମାନେ ଏହା ଶୁଣି ଭାରି ଖୁସି । ତାକୁ ଆସି ପ୍ରଶଂସା କଲେ । ଭୋଜିଦାନ ଦଳ ବାନ୍ଧି ସମସ୍ତେ ଜୁଟିଗଲେ ।

ମଦ ପରଶା ହେଲା । ମଦ ପିଇ ସମସ୍ତେ ଚୁପ୍ । ପୁଅଟି ଏତିକି ହେଲେ ସାଙ୍ଗମାନଙ୍କୁ କହିଲା—"ଭାଇମାନେ, ଏଇ ମୂଲ୍ୟବାନ ପଥରଟିକୁ ଦେଖ । ଆଗରୁ ଏହା ଏଇଠିଥିଲା । ମୂଷା ଏହାକୁ କାଟି ଦୁ'ଖଣ୍ଡ କରିଦେଲା । କିଛି ବାକିଥିରୁ ଖାଇଦେଲା ।"

ସାଙ୍ଗମାନେ ତାକୁ ଖୋସାମତ କରିବାକୁ କହିଲେ - "ହଁ ହଁ ମୂଷା ବି ପଥର କାଟେ । ଖାଏ ।"

ପୁଅ ରାଗିଗଲା । ସେ କହିଲା —"ମୂଷା ପଥର କାଟି ପାରୁଛି; ଆଉ ଖାଇ ପାରୁଛି, ମୋ'ର ଏକଥା ଯଦି ତମମାନଙ୍କର ବିଶ୍ୱାସ ହେଉଛି, କୁକୁର ଯେ ମାଂସ ଭାତ ଖାଇପାରେ, ଏ କଥାରେ ଅବିଶ୍ୱାସ କରିବାର କଣ ଥିଲା ?"

ସବୁ ସାଙ୍ଗମାନେ ଚୁପ୍ । ଉତ୍ତର ଦେଇଲେ ନାହିଁ । କ'ଣ ଉତ୍ତର ଦେବେ ଭାବୁଛନ୍ତି । ଏଇ ସମୟରେ ପୁଅ ଇସାରା ଦେଲା । ବାହାରେ ବହୁତ ଲୋକ ଠେଙ୍ଗାବାଡ଼ି ଧରି ଅପେକ୍ଷା କରିଥିଲେ । ପୁଅର ଇସାରା ପାଇ ଧାଇଁ ଆସିଲେ । କିଛି ଚଟରପଟର କଲେ ନାହିଁ । ସବୁ ସାଙ୍ଗମାନଙ୍କୁ ଠାଙ୍କେ ଛେଚିଲେ ।

ସେଇଦିନୁ ପୁଅ ପୁରୁଣା ସାଙ୍ଗ ମେଳ ଛାଡିଦେଲା । ବ୍ୟବସାୟରେ ମନ ଦେଲା । ବାପା ବି ହେଲା । ପୁଅ ଝିଅ ହେଲେ । ନିଜର କୁଟୁମ୍ବ ସହ ଆନନ୍ଦରେ ସେ ରହିଲା । ସାଙ୍ଗ ସାଥି ମେଳଠାରୁ ସେ ଦୂରରେ ନିଜକୁ ରଖୁଥିଲା ।

ବାପାର ସ୍ନେହ ପୁଅ ଉପରୁ କେବେହେଲେ ତୁଟେ ନାହିଁ । ପୁଅ ଭଲରେ ରହୁ, ଏହା ସବୁ ବାପାମାନଙ୍କର ଇଚ୍ଛା । ସେଥିପାଇଁ ସବୁ ପ୍ରକାର ତ୍ୟାଗ ସେମାନେ କରିଥାନ୍ତି । ବାପାର କଥା ପୁଅମାନେ ମାନିବା ଉଚିତ । ଏହା ହିଁ ପୁଅଟିର ଅଭିଜ୍ଞତାହେଲା ।

ପୃଥିବୀର ଲୋକକଥା

(୧) ତିଏତ ନାମ, (୨) ଲାଦାଖ-୧, (୩) ଲାଦାଖ-୨, (୪) ପଞ୍ଜାବ-୧
(୫) ପଞ୍ଜାବ-୨, (୬) ପଞ୍ଜାବ-୩, (୭) ପଞ୍ଜାବ-୪, (୮) ପଞ୍ଜାବ-୫,
(୯) ଉତ୍ତର ପ୍ରଦେଶ-୧, (୧୦) ଉତ୍ତରପ୍ରଦେଶ-୨, (୧୧) ପଞ୍ଜାବ-୬,
(୧୨) ଉତ୍ତର ପ୍ରଦେଶ-୩, (୧୩) ପଞ୍ଜାବ-୭, (୧୪) ଉତ୍ତର ପ୍ରଦେଶ-୪,
(୧୫) ମଧ୍ୟ ପ୍ରଦେଶ-୧, (୧୬) କାଶ୍ମୀର-୧, (୧୭) ଆସାମ-୧,
(୧୮) କାଶ୍ମୀର-୨, (୧୯) କାଶ୍ମୀର-୩, (୨୦) ଇହୁଦୀ-୧
(୨୧) ହିମାଚଳ ପ୍ରଦେଶ-୧, (୨୨) ଆସାମ-୨, (୨୩) ଶ୍ରୀଲଙ୍କା-୧,
(୨୪) ଋଷିଆ-୧, (୨୫) ଇହୁଦୀ-୨, (୨୬) ସାନ୍ତାଳ-୧ (୨୭) ଇଟାଲି-୧,
(୨୮) ମଧ୍ୟ ପ୍ରଦେଶ-୨, (୨୯) ଶ୍ରୀଲଙ୍କା-୨, (୩୦) ସାନ୍ତାଳ-୨,
(୩୧) ସାନ୍ତାଳ-୩, (୩୨) ସାନ୍ତାଳ-୪, (୩୩) ସାନ୍ତାଳ-୫),
(୩୪) ସାନ୍ତାଳ-୬, (୩୫) ସାନ୍ତାଳ-୭, (୩୬) ନେପାଳ-୧,
(୩୭) ହରିୟାନା-୧, (୩୮) ସାନ୍ତାଳ-୮, (୩୯) ସାନ୍ତାଳ-୯,
(୪୦) ସାନ୍ତାଳ-୧୦, (୪୧) ସାନ୍ତାଳ-୧୧, (୪୨) ସାନ୍ତାଳ-୧୨,
(୪୩) ସାନ୍ତାଳ-୧୩, (୪୪) ସାନ୍ତାଳ-୧୪, (୪୫) କନ୍ଧ-୧,
(୪୬) ନେପାଳ-୨ (୪୭) ତିବ୍ବତ-୧, (୪୮) ଇହୁଦୀ-୩,
(୪୯) ଇହୁଦୀ-୪, (୫୦) ଜାପାନ-୧ (୫୧) ତାମିଲ୍‌ନାଡୁ-୧,
(୫୨) ତାମିଲ୍‌ନାଡୁ-୨, (୫୩) ତାମିଲ୍‌ନାଡୁ-୩, (୫୪) ତିବ୍ବତ-୨
(୫୫) ଫିଲ୍‌ପାଇନ୍-୧, (୫୬) ଫିଲ୍‌ପାଇନ୍-୨, (୫୭) ଚୀନ୍-୧,
(୫୮) ଫ୍ରାନ୍‌ସ-୧, (୫୯) ଫ୍ରାନ୍‌ସ-୨ (୬୦) ସ୍କଟ୍‌ଲ୍ୟାଣ୍ଡ୍-୧ ।

୬୧. ଇହୁଦୀ-(୫), ୬୨, ହିମାଚଳ ପ୍ରଦେଶ -(୨), ୬୩. ଆସାମ (୩) ୬୪. ହିମାଚଳ ପ୍ରଦେଶ -(୪), ୬୫. ଶ୍ରୀଲଙ୍କା - (୩) ୬୬. ମିଆଁମାର -୧, ୬୭. ମିଆଁମାର -(୨) ୬୮. ଇରାକ୍ -(୧), ୬୯. ଚୀନ- (୨), ୭୦. ମଧ୍ୟ ପ୍ରଦେଶ (୩), ୭୧. କେରଳ -(୧) ୭୨. ଚୀନ୍ - (୩) ୭୩. ରାଜସ୍ଥାନ (୧), ୭୪. କେରଳ -(୨), ୭୫ - ରାଜସ୍ଥାନ -(୨)

ନୀଳକଣ୍ଠେଶ୍ୱର ଶିକ୍ଷା ପ୍ରକଳ୍ପ
ପୋ.: ଦିଘାଳ, ଜିଲ୍ଲା : ପୁରୀ
ମହାନ୍ତିପଡ଼ା, କାଫଲା, କଟକ-୨
ପ୍ରାପ୍ତି ସ୍ଥାନ : ଗ୍ରନ୍ଥାଳୟ, ପଥିକ, ଭୁବନେଶ୍ୱର, ପଦ୍ମାଳୟା, ବାଦାମବାଡ଼ି,
କଟକ ଟ୍ରେଡ଼ିଂ କମ୍ପାନୀ, ବାଲୁବଜାର, କଟକ ।